## ଗ୍ରୀଷ୍ମ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଜଳକ୍ଲିଷ୍ଟ ଅଞ୍ଚଳରେ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

ଅନୁଗୋଳ, ୧୮ ।୨(ସମିସ)



ଚଳିତ ବର୍ଷ ଗ୍ରୀଷ୍ମ ମୁକାବିଲା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗ୍ରୀଷ୍ମ ମୁକାବିଲା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ଋତୁରେ ଯେପରି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡ଼ିକର ତୁରନ୍ତ ମରାମତି ଏବଂ ହାଟବଜାର, ବଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳ ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଟାଣ ଖରାରେ କାମ ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହିତ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ୍ ପାଉଡର, ସାଲାଇନ ବ୍ୟବସ୍ଥା ସହ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓ.ଆର.ଏସ୍ ପ୍ୟାକେଟ ରଖିବା ଏବଂ ବସ୍ ରହଣୀ ସ୍ଥାନମାନଙ୍କରେ ବିଶ୍ରାମସ୍ଥଳୀ ଓ ଜଳଛତ୍ର ଖୋଲିବା ପାଇଁ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା ସହିତ ପାନୀୟ ଜଳ ଉପଲବ୍ଧ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ପଶୁସମ୍ପଦ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ଉପରେ ବୈଠକରେ ବିଶଦଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟ୍ଟେଲ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଏମ୍‌ସିଏଲ୍, ନାଲ୍‌କୋ, ଏନ୍‌ଟିପିସି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## କ୍ଷୀରୋଦଙ୍କ ୬୫ତମ ରକ୍ତଦାନ

ତାଳଚେରସହର, ୧୮ ।୨(ସମିସ): ତାଳଚେରର ସମାଜସେବୀ କ୍ଷୀରୋଦ ସାହୁ ସାମାଜିକ କାର୍ଯ୍ୟରେ ୩୦ବର୍ଷର ପୂରଣ କରିବା ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ପୁରୀ ମେଡିକାଲ ରକ୍ତଭଣ୍ଡାରରେ ୬୫ତମ ରକ୍ତଦାନ କରିଛନ୍ତି। ଏହି ରକ୍ତଦାନ ସମୟରେ କ୍ଷୀରୋଦଙ୍କ ମାଆ ମାଳତୀ ସାହୁ ଉପସ୍ଥିତ ଥିଲେ। ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଦ୍ଧେଥିବା ରକ୍ତଦାନ ଶିବିରରେ ସେ ରକ୍ତଦେବା ସହ ରକ୍ତ ଅଭାବ ସମୟରେ ରୋଗୀଙ୍କୁ ଦେଇଥାନ୍ତି। ପୂର୍ବରୁ ଅନୁଗୋଳ, ଢେଙ୍କାନାଳ, କଟକ, ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ ଜିଲ୍ଲାରେ ରକ୍ତଦାନ କରି ବହୁ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବାରୁ ବିଧାୟକ, ସାଂସଦ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ଷୀରୋଦ ୧୯୯୫ରୁ ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି।



## କିଶୋରୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ଶିବିର

ଅନୁଗୋଳ, ୧୮ ।୨(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ସମାଜ ମଙ୍ଗଳ ବୈଠକ ଗୃହରେ କିଶୋରୀମାନଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଏଲଡିଏମ ଚୌଧୁରୀ ଦୀପକ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରୁ ମୋଟ ୭୨ ଜଣ କିଶୋରୀ ବାଳିକା ଏହି ଶିବିରରେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷା ନିଯୁକ୍ତି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ଦକ୍ଷତା ବିକାଶ ସଂଯୋଜକ ବିଶ୍ୱଜିତ୍ ପଣ୍ଡା ଜିଲ୍ଲାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କ ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ। ସେହିପରି ମହିଳା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ କିଶୋରୀମାନଙ୍କୁ କହିଥିଲେ। ଶିବିରକୁ ୟୁନିସେଫ ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ସଂଯୋଜନା କରିଥିବା ବେଳେ ଜିଲ୍ଲା ମହିଳା ସଶକ୍ତୀକରଣ ଅଧିକାରୀ ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବକ ସଂଘ ପକ୍ଷରୁ ଜଳଛତ୍ର ଓ ଦହିପାଣି ବଣ୍ଟନ



ତାଳଚେର, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହା ବ୍ଲକ ତାଳପଦା ଗ୍ରାମରେ ମହାଶିବରାତ୍ରି ଉତ୍ସବ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ଗ୍ରାମର ପ୍ରାଚୀନ ଶିବମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ଼ରେ ସାରା ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ପବିତ୍ର ଶିବରାତ୍ରି ଅବସରରେ ସିଂହେଶ୍ୱର ଯୁବକ ସଂଘ ପକ୍ଷରୁ ଜଳଛତ୍ର ଓ ଦହିପାଣି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଦିନସାରା ଭକ୍ତମାନେ ଉପବାସ ରହି ପ୍ରଭୁ ମହାଦେବଙ୍କ ଦର୍ଶନ ପାଇଁ ଧାଡ଼ି ଲଗାଇଥିଲେ। ଦୀପ ପ୍ରଜ୍ୱଳନ, ବେଲପତ୍ର ଅର୍ପଣ, ଫୁଲମାଳ ଓ ଜଳାଭିଷେକ କରି ଭକ୍ତମାନେ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ହର ହର ମହାଦେବ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ଭଜନ-କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଓ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।

## ସହାୟକ ଉପକରଣ ବଣ୍ଟନ ଶିବିର

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ବ୍ଲକ ଆନୁକୂଲ୍ୟରେ ରନ୍ତଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଛି। ଶିବିରରେ ୭୯ ଜଣଙ୍କୁ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସହଯୋଗରେ ଚିହ୍ନଟ କରାଯାଇ ସହାୟକ ଉପକରଣ ପ୍ରଦାନ ହୋଇଛି। ଶିବିରରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ବିଡିଓ ଡ. ବିଶ୍ୱଭୂଷଣ, ରନ୍ତଲେଇ ସରପଞ୍ଚ ମିନାକ୍ଷୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଶାନ୍ତ ପୃଷ୍ଟି, ଓଡ଼ିଶା ଜଳବିଦ୍ୟୁତ ନିଗମ ଲିମିଟେଡର ସାଧାରଣ ପ୍ରବନ୍ଧକ ସୁବ୍ରତ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଡିଜିଏମ ପ୍ରଦୀପ କୁମାର ପ୍ରଧାନ, ଇଲେକ୍ଟ୍ରିକାଲ ଡିଜିଏମ ଘନଶ୍ୟାମ ଗିରି, ଏଚଆର ଆଶିଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବେଶ ଦଳବେହେରା, ନୂଆମୌଜା ସରପଞ୍ଚ ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ବିଭିନ୍ନ ସ୍ଥାନରେ ଚଢ଼ଉ: ବିପୁଳ ପଲିଥିନ୍ ଜବତ

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ବୁଧବାର ଚଢ଼ଉ କରାଯାଇ ବିପୁଳ ପଲିଥିନ୍ ଓ ଥର୍ମାକୁଲ ପାତ୍ର ଜବତ କରାଯାଇଛି। ହରିମହୁରୀ ଛକରେ ଏକ ଗୋଦାମରୁ ପ୍ରାୟ ୨୫୦ କେଜି ପଲିଥିନ୍ ଜବତ୍ କରାଯାଇ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଅନୁଗୋଳ ମହିଳା କଲେଜ ନିକଟ ଏକ ଦୋକାନରୁ ମଧ୍ୟ ବିପୁଳ ପଲିଥିନ୍ ଜବତ କରାଯାଇଛି। ତେବେ ମାଲିକ ନ ଥିବାରୁ ତାଙ୍କୁ ଫାଇନ କରାଯାଇ ପାରିନାହିଁ। ମାଛ ମାର୍କେଟରେ ଅଧିକାଂଶ ଦୋକାନୀଙ୍କୁ ଅବୈଧ ପଲିଥିନ୍ ବ୍ୟବହାର ନେଇ ୫୦୦ ଟଙ୍କା ଲେଖାଏଁ ଫାଇନ କରାଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଏକ ଦୋକାନରୁ ମଧ୍ୟ ପଲିଥିନ୍ ଜବତ୍ କରାଯାଇଛି। ମୋଟ ୬୨, ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଚଢ଼ଉରେ ପୌରପାଳିକା ଟାସ୍କ ଫୋର୍ସ ସହ ପ୍ରଦୂଷଣ ବିଭାଗ ଅଧିକାରୀ ଓ ପୁଲିସ ଅଧିକାରୀ ସାମିଲ ହୋଇଥିଲେ।

## ଅଢ଼େଇ କୁଇଣ୍ଟାଲ ଗଞ୍ଜେଇ ସହ ବନ୍ଧୁକ ଜବତ

**୬ ଗିରଫ**

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଚଢ଼ଉ କରି ପୁଲିସ ୨୬୪.୮୨୦ କିଲୋ ଗଞ୍ଜେଇ ସହ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂଚନା ଆଧାରରେ ପୁରୁଣାକୋଟ ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ କନ୍ଧକୋଇଲି ଗାଁରେ ମିଳିତ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨୬୪.୮୨୦ କିଲୋଗ୍ରାମ ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ, ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ବ୍ରାଉନସୁଗର ଜବତ, ୬ ଗିରଫ

ତାଳଚେର, ୧୮ ।୨(ସମିସ): ତାଳଚେର ଟାଉନ ପୁଲିସ୍ ମଙ୍ଗଳବାର ସନ୍ଧ୍ୟାରେ ସାପ୍ତାହିକ ହାଟରେ ଆତର୍କିତ ଚଢ଼ଉ କରି ୧୨.୫୬ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହାର ମୂଲ୍ୟ ୧ଲକ୍ଷ ୩୦ହଜାର ଟଙ୍କା ହେବ। ଏଥିସହ ପୁଲିସ ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ, ୧୦ ହଜାର ଟଙ୍କା ଜବତ କରିଛି। ଏହି ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ତାଳଚେର ବାଘୁଆବୋଲ ସ୍କୁଲ ସାହିର ଆନନ୍ଦ ନାଏକ (୩୨), ବାଘୁଆବୋଲ ଅଞ୍ଚଳର ପ୍ରଶାନ୍ତ ସାହୁ (୩୮), ନୁହୁରା ସାହିର ପ୍ରମୋଦ ବେହେରା (୩୫), କୋଲିୟରୀ ଅଞ୍ଚଳର ସାୟନ୍ତୀ ଜେନାମଣି (୪୧), ଦେଉଳବେଢ଼ା ଅଞ୍ଚଳର ଅନିତା ସାମଲ (୩୨) ଓ କଲଭିନ୍ଦର କୌରଙ୍କ ଗିରଫ କରି କୋର୍ଟ ଚାଲାଣ କରିଛି।

## ଘର ଭସ୍ମୀଭୂତ, ୫ ଲକ୍ଷରୁ ଅଧିକ ଟଙ୍କାର କ୍ଷତି



କଣିହାଁ, ୧୮ ।୨(ସମିସ): କଣିହାଁ ବ୍ଲକ କମରେଇ ଗ୍ରାମରେ ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ଅଗ୍ନିକାଣ୍ଡ ଘଟି ହରିହର ବେହେରାଙ୍କ ଘର ଭସ୍ମୀଭୂତ ହୋଇଛି। କୌଣସି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ସନ୍ଦେହ ପ୍ରକାଶ ପାଇଛି। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହାବିଲଦାର ଏସ୍. ମିଶ୍ରଙ୍କ ନେତୃତ୍ୱରେ ଫାୟାରମ୍ୟାନ୍ ଏସ୍. ପ୍ରଧାନ ଓ ଡ୍ରାଇଭର ଟିପି ସାମଲ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ଅଗ୍ନିକାଣ୍ଡରେ ଘର ସହ ସମସ୍ତ ଆସବାବପତ୍ରକୁ ମିଶାଇ ପ୍ରାୟ ୫ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିଲା। କୁହାଯାଇଛି। ଏ ସମ୍ପର୍କରେ ହରିହର କଣିହାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବ୍ରାହ୍ମଣୀଦେଇ ଗ୍ରାମରେ ଭାଗବତ ନାମଯଜ୍ଞ

କିଶୋରନଗର, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମରେ ଭାଗବତ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳ ୮ଟାରେ କଳସଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଅପରାହ୍ନ ୩ଟାରେ ପୂଜା ଆରମ୍ଭ ହୋଇ ଭୋର ୫ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା। ପୂଜକ ଆକାଶ ଦାସଙ୍କ ମନ୍ତ୍ର ପାଠରେ ଭକ୍ତିମୟ ସୃଷ୍ଟି ସୃଷ୍ଟି ହୋଇଥିଲା। କର୍ତ୍ତା ଭାବେ ଉମାକାନ୍ତ ନାୟକ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିରେ ୮ ଦଳ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଗ୍ରାମ ସଭାପତି କୁଶ କୁମାର ନାୟକଙ୍କ ନେତୃତ୍ୱରେ ଉପସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ଶାଶ୍ୱତ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ● ତାଳଚେରରେ ଥମୁନି ବାୟୁ ପ୍ରଦୂଷଣ

## ଜନଜୀବନ ଅସ୍ତବ୍ୟସ୍ତ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର



ତାଳଚେର, ୧୮ ।୨(ସମିସ): ପ୍ରଦୂଷଣରେ ତାଳଚେର ୧ ନମ୍ବରରେ ରହୁଛି। ତେବେ ଏହାର ପ୍ରତିକାର ପାଇଁ କାହାର ହେଲେ ସାମାନ୍ୟ ଉଦ୍ୟମ ନାହିଁ। ତାଳଚେର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୫୫ ଛୁଇଁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ୍ ଆକ୍ଟ ଲାଗୁ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ଦିନକୁ ତିନିଥର ପାଣି ସିଞ୍ଚନ ସହ ରାସ୍ତାରୁ ଧୂଳି ହଟାଇବାକୁ ଏମସିଏଲକୁ କୁହାଯାଇଥିଲା। ପ୍ରାୟ ୩ରୁ ୫ଦିନ ରାସ୍ତାରେ ପାଣି ସିଞ୍ଚନ ହେବା ଫଳରେ ଏକ୍ୟୁଆଇ ୨୫୫କୁ ଖସି ଆସିଥିଲା। ହେଲେ ଏବେ ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତାରେ ସଠିକ୍ ଭାବେ ପାଣି ସିଞ୍ଚନ ହେଉ ନ ଥିବାରୁ ଧୂଳିଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ତ୍ରାହିତ୍ରାହି ଡାକ ଦେଉଛନ୍ତି। ନିକଟରେ ଜିଲ୍ଲାପାଳ କୋଇଲା ପାଉଁଶ ମିଶ୍ରିତ ଗୁଣ୍ଡ ରାସ୍ତାରୁ ସଫା କରିବାକୁ ଏମସିଏଲକୁ ନିର୍ଦ୍ଦେଶ ଦେଇଥିଲେ। ଗୋଟିଏ ଦିନରେ ପୌର ପରିଷଦ ପକ୍ଷରୁ ୧୨ଜଣ ସଫେଇ କର୍ମଚାରୀଙ୍କୁ ଲଗାଇ ତାଳଚେର ବାଇପାସ୍ ଟ୍ରାଫିକଠାରୁ ୨ ଶହରୁ ୩ଶହ ମିଟର ରାସ୍ତା ସଫା କରାଯାଇଥିଲା। ପରେ ଏହା ପୁଣି ବନ୍ଦ ହୋଇଯାଇଛି। ଏଠାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ୍ୟ ତାଳଚେରବାସୀଙ୍କୁ କାହିଁକି ମୃତ୍ୟୁମୁଖକୁ ଠେଲୁଛନ୍ତି ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ୧୪୯ ନମ୍ବର ଜାତୀୟ ରାଜପଥ ଗୋଡ଼ିବନ୍ଧଠାରୁ ବହ୍ଲର ପର୍ଯ୍ୟନ୍ତ ପ୍ରଚୁର ଧୂଳିଧୂଆଁ ଯୋଗୁଁ ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ପୁନଶ୍ଚ ଯେଉଁ ସମୟରେ ଏକ୍ୟୁଆଇ ୩୫୫ ରହିଥିଲା ସେ ସମୟରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଏମସିଏଲ ଓ ପୌରପରିଦେ ସମେତ ଜିଲ୍ଲାପାଳ, ସ୍ଥାନୀୟ ଉପଜିଲ୍ଲପାଳଙ୍କୁ ତୁରନ୍ତ ଏହାର ପ୍ରତିକାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶନାମାକୁ ନଜରରେ ରଖି ପ୍ରାୟ ୩ରୁ ୫ଦିନ ତାଳବେଢ଼ାଠାରୁ ବହ୍ଲର ଛକ ଓ ପୌରପରିଷଦ ବଡ଼ଦାଣ୍ଡ ସାହିଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସଫେଇ ସହ ଜଳସିଞ୍ଚନ ଦିନକୁ ୩ଥର ହେଉଥିଲା। ମାତ୍ର ଏବେ ନା ସିଞ୍ଚନ ହେଉଛି ପାଣି ନା ସଫେଇ ହେଉଛି ଧୂଳି। ଏଥିପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦୃଢ଼ ପଦକ୍ଷେପ ନ ନେଲେ ଅଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି।

## ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, ୧୮ ।୨(ସମିସ): ସାମାଜିକ ସଂଗଠନ 'ସ୍ପନ୍ଦନ' ତରଫରୁ ଏବଂ ଜିଲ୍ଲା ବୈଧ ମାପ ଓଜନ, ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା ଦିବସ ୨୦୨୬ ଛେଣ୍ଡିପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଖାଉଟି ମାନେ ସବୁ ସମୟରେ ଶୋଷଣର ଶୀକାର ହେବ। ସଙ୍ଗେ ସଙ୍ଗେ ନାର୍ଯ୍ୟ ଅଧିକାରରୁ ସବୁ ସମୟରେ ଉପକ୍ଷିତ ହେଉଛନ୍ତି, ତେଣୁ ପ୍ରତି ସଚେତନ ଖାଉଟି ଏଥିପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ଗରୁତ୍ୱାରୋପ କରିଥିଲେ।ଅଧର ପ୍ରସାଦ ବିଶ୍ୱାଳ, ସହକାରୀ ଯୋଗାଣ ବିଭାଗ ଅଧିକାରୀ, ଅନୁଗୋଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ତାଙ୍କ ବିଭାଗରେ ଖାଉଟିମାନଙ୍କ କଲ୍ୟାଣ ତଥା ଠକାମୀର ଶିକାର ନ ହେବା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା ସହିତ ଆଜିର ଯୁବ ସମାଜ ଜାଗ୍ରତ ହେଲେ ଗ୍ରାହକ ମାନେ ଠକାମୀର ଶିକାରରୁ ମୁକ୍ତି ପାଇପାରିବେ ବୋଲି ଅଭିହିତ କରିଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟି ମାନଙ୍କର ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ, ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ଜନସାଧରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।ହରଷିରାଜ ସ୍ୱାଇଁ, ପ୍ରବନ୍ଧକ, ଗ୍ରାମୀଣ ବ୍ୟାଙ୍କ ଯୋଗ ଦେଇ ଖାଉଟି ମାନେ ସବୁ ସ୍ତରରେ ଠକାମୀର ଶୀକାର ହେଉଛନ୍ତି, ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହିତ ଜିନିଷ ପତ୍ର କିଣିବା ସହିତ ଜାଗ୍ରତ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରସାନନ୍ଦ ସାହୁ, ନାଇବ ସରପଞ୍ଚ, ରେଣୁବାଳା ସାହୁ, ସମିତି ସଭ୍ୟା ଇତ୍ୟାଦି ଯୋଗ ଦେଇ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ଶତପଥି ଅତିଥି ପରିଚୟ ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ପଞ୍ଚାୟତର ମହିଳାମାନଙ୍କୁ ନେଇ ହୋଇଥିବା ମ୍ୟୁଜିକ ଚେୟାର ପ୍ରତୀଯୋଗିତାରେ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗ୍ରାମ ପ୍ରଧାନ, ତ୍ରଲୋକ୍ୟ ସାହୁ, ଶ୍ରୀନିବାସ ସାହୁ, ପ୍ରଫୁଲ୍ଲ ପ୍ରଧାନ, ପ୍ରମୋଦ ବେହେରା, ଜଗନ ସାହୁ ଏବଂ ସୌଭାଗ୍ୟ ମାଝୀ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।



## ନୂତନ ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ



ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଓଗି ପଞ୍ଚାୟତ ସୁରଙ୍ଗ ଗ୍ରାମରେ ନିର୍ମିତ ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ହଜାର ହଜାର ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିଲା। ଭକ୍ତମାନେ ମନ୍ଦିର ଦଧିନଉତିରେ ଧାନ ଢାଳିବା ସହ ଦୀପ ଜାଳି ଉଜାଗର ରହିଥିଲେ। ଏହି ଅବସରରେ ପୁରାଣ ପାଠ, ଶିବ ମହିମା ଗାନ, ପ୍ରଭୁ ହରିହର ଭେଟ, ଭଜନ ଜଣାଣ ଓ ନାମସଂକୀର୍ତ୍ତନ ସହ ସାମୂହିକ ଅନ୍ନ ପ୍ରସାଦ ସେବନ କରାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାଇ ନିର୍ଦ୍ଧାରିତ ସମୟରେ ହୋମଯଜ୍ଞ ଘଣ୍ଟଘଣ୍ଟା, ଢୋଲ ବାଦ୍ୟ, ହରିବୋଲ ହୁଳହୁଳି ଆଦି ମଧ୍ୟରେ ରତ୍ନମୁଦ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ଓ ଚିକିତ୍ସା ଷ୍ଟଲ ପକାଇ ଲୋକଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ତୁକୁଡ଼ା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ନାଲକୋ ସ୍ମେଲଟର ସମ୍ପ୍ରସାରଣ ପ୍ରସଙ୍ଗ

# ପରିବେଶ ମଞ୍ଜୁରୀ ଜନଶୁଣାଣି ଶିବିର

ଅନୁଗୋଳ, ୧୮ ।୨(ସମିସ)



ଜମିର ଉଚିତ ମୂଲ୍ୟ ପ୍ରଦାନ ଏବଂ ସ୍ଥାୟୀ ନିଯୁକ୍ତି ଦାବି

୮୦ ଦଶକରେ ପ୍ରତିଷ୍ଠିତ ଅନୁଗୋଳସ୍ଥିତ ନାଲକୋ ସ୍ମେଲଟର ପ୍ଲାଣ୍ଟ ଗୁଣବତ୍ତାର ଆଲୁମିନିୟମ ଉତ୍ପାଦନରେ ରେକର୍ଡ ବଜାୟ ରଖି କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଲାଭ କରିଆସୁଛି। ଭାରତ ସରକାରଙ୍କ ଉଦ୍ୟୋଗ ନାଲକୋ ନବରତ୍ନ ମାନ୍ୟତାରୁ ଊର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରୁଛି। ନବରତ୍ନରୁ ମହାରତ୍ନ ମାନ୍ୟତା ପ୍ରାପ୍ତ ହେବାକୁ ନାଲକୋ ତା'ର ବାଣିଜ୍ୟିକ ଭିତ୍ତିଭୂମି ସୁଦୃଢ଼ କରୁଛି। ଆଲୁମିନିୟମ ଉତ୍ପାଦନ ସ୍ମେଲଟର ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ସରକାରୀ ମଞ୍ଜୁରୀ ରହିଥିବା ବେଳେ ଏଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବେଶ ମଞ୍ଜୁରୀ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଉପସ୍ଥିତ ଥିଲେ। କୁଲାଡ଼, ବେନ୍ତପୁର, କାଙ୍ଗୁଲା ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ୩୧ଜଣ ଗ୍ରାମବାସୀ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ପ୍ରାୟତଃ କମ୍ପାନୀ ନିର୍ମାଣ ସପକ୍ଷରେ ବହୁ ମତ ପ୍ରକାଶ କରିଥିଲେ। ନାଲକୋ ଦ୍ୱାରା ଅଧିଗ୍ରହଣ ହେବାକୁ ଥିବା ପ୍ରାୟ ୮୨ ଏକର ଜମିର ଉଚିତ ମୂଲ୍ୟ ପ୍ରଦାନ ସହ ଜମିହରା ପରିବାର ସଦସ୍ୟଙ୍କୁ ନାଲକୋରେ ସ୍ଥାୟୀ ନିଯୁକ୍ତି ପାଇଁ ସର୍ତ୍ତ ମୂଳକ ମତାମତ ଗ୍ରାମବାସୀ ପ୍ରକାଶ କରିଥିଲେ। କେତେକ ଗ୍ରାମବାସୀ ନାଲକୋ ଦ୍ୱାରା ଅବହେଳିତ, ବିଭିନ୍ନ ସମସ୍ୟାକୁ ଅବଗତ କରାଇଥିଲେ। ନାଲକୋ ଆସପାଶ୍ୱ ପାଉଁଶରେ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେଉଥିବା ବେଳେ ପ୍ଲାଣ୍ଟ ନିକଟ କୁଲାଡ଼ ଗ୍ରାମର ୧ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ଜମି ପ୍ଲାଣ୍ଟ ନିଷ୍କାସିତ ଜଳ ଯୋଗୁଁ ପ୍ରଭାବିତ ହୋଇଛି ବୋଲି ଶିବିରରେ ଉପସ୍ଥାପନ ହୋଇଥିଲା। ନାଲକୋ ଅଧୀନରେ ନିଯୁକ୍ତ ଠିକା ସଂସ୍ଥାରେ ଠିକା ଶ୍ରମିକ ନିଯୁକ୍ତିରେ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ କାରବାର ହେଉଥିବା ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉପେକ୍ଷା କରି ବାହାର ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଅଧିକ ସୁଯୋଗ ଦିଆଯାଉଥିବା ଅନେକ ଗ୍ରାମବାସୀ ଅଭିଯୋଗ କରିଥିଲେ।

ଶିବିରରେ ନାଲକୋ କର୍ତ୍ତୃପକ୍ଷ ନିଜ ପକ୍ଷ ରଖି ନାଲକୋ ଦ୍ୱାରା ବିଭିନ୍ନ ଉନ୍ନୟନ ଯୋଜନାକୁ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ସମୟରେ ପ୍ରଦୂଷଣ ପ୍ରାଣୀ ଜଗତ ପାଇଁ ଉଦବେଗର ବିଷୟ ହୋଇଥିବା ବେଳେ ନାଲକୋ ଉନ୍ନତ ଜ୍ଞାନକୌଶଳ, ଆଧୁନିକ ଯାନ୍ତ୍ରାପାତିରେ ଯଥା ସମ୍ଭବ ପ୍ରଦୂଷଣ ନିୟନ୍ତ୍ରଣ କରିପାରିଛି। ସମ୍ପ୍ରସାରଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୟରେ ଅବା ପରବର୍ତ୍ତୀ ସମୟରେ ଏ ଅଞ୍ଚଳର ପରିବେଶ ସୁରକ୍ଷା ଦିଗରେ ନାଲକୋ ଯତ୍ନଶୀଳ ପଦକ୍ଷେପ ନେବ। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ବର୍ଜ୍ୟ ବସ୍ତୁ ପରିଚାଳନା, ରାସାୟନିକ ପ୍ରୟୋଗର ସଠିକ ପରିଚାଳନା କରିବାକୁ ନାଲକୋ ପ୍ରତିବଦ୍ଧ ବୋଲି ନାଲକୋ ଏସ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ପ୍ରକାଶ କରିଥିଲେ। ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ପାଇଁ ନାଲକୋ ଦ୍ୱାରା ବିଭିନ୍ନ ଯୋଜନା ମଧ୍ୟରେ ରାସ୍ତା, ଭ୍ରାମ୍ୟମାଣ ଚିକିତ୍ସା, ବହିଃ ଚିକିତ୍ସା କେନ୍ଦ୍ର, ପାନୀୟ ଜଳଯୋଗାଣ, ନାଲକୋ କି ଲାଡ଼ଲି ଇତ୍ୟାଦି ସମ୍ପର୍କରେ ନାଲକୋ ଏଚଆରଡି ବିଭାଗ ମହାପ୍ରବନ୍ଧକ ରାଜରାମ ମିଶ୍ର ଉପସ୍ଥାପନ କରିଥିଲେ। ଏହି ଜନଶୁଣାଣି ଶିବିରରେ ନାଲକୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟଜିତ ଧଳ, ଅନୁଗୋଳ ଉପଜିଲ୍ଲାପାଳ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

# ଭାରୀଯାନ ରାତ୍ରୀ ଜଗୁଆଳିକୁ ଚାପି ଦେଲା


ପରିଡ଼ାଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ସ୍ତ୍ରୀ ସଲୀଳା ବାଳା ପରିଡ଼ା, ପୁଅ ସମ୍ବିତ ପରିଡ଼ା, ଅମିତ୍ ପରିଡ଼ା ଭାଙ୍ଗି ପଡିଛନ୍ତି।

କୁଜଙ୍ଗ,୧୮।୨(ସମିସ): କଟକ ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ସାଇକଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅଜଣା ଭାରୀଯାନ ପଙ୍କପାଳ ଶ୍ରୀସତ୍ୟସାଇ ଜ୍ଞାନ ବିକାଶ ସ୍କୁଲ୍ ସମ୍ମୁଖରେ ଏହି ସାଇକଲ ଆରୋହୀଙ୍କୁ ଘୋଷାଡ଼ି ଘୋଷାଡ଼ି ରାସ୍ତାରେ ଦଳିଦେଇଥିଲା। ମୃତକ ହେଉଛନ୍ତି ଅଗପାଳ ପଞ୍ଚାୟତର ବଡପାଳ ଗ୍ରାମର ଉତ୍ତମ ଚରଣ ପରିଡ଼ା(୫୮)। ସେ କମଳା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାଇଟ ୱାଚ୍‌ମ୍ୟାନ ଭାବରେ କାର୍ଯ୍ୟ କରନ୍ତି ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ମୃତକଙ୍କ ଶରୀର ଏତେ ବିଭତ୍ସ ହୋଇ ଥିଲା ଯେ ସ୍ଥାନୀୟ ଲୋକ ହୋଇଥିଲେ ମଧ୍ୟ ଚିହ୍ନଟ କରିବାକୁ ଦେଢ଼ ଘଣ୍ଟା ପାଖାପାଖି ଲାଗିଥିଲା। ସ୍ଥାନୀୟ ଲୋକ ଜଣା ପଡ଼ିବାରୁ ଉତ୍ୟକ୍ତ ଲୋକଙ୍କ ଦ୍ୱାରା କଟକ ପାରାଦୀପ ରାସ୍ତାରୋକ କରିଥଲେ। ଖବର ପାଇ କୁଜଙ୍ଗ ପୁଲିସ ଓ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ରେଡ୍‌କ୍ରସ ସହାୟତା ଓ ତାଙ୍କ ପୁଅକୁ ନିଯୁକ୍ତିର ପ୍ରତିଶ୍ରୁତି ପରେ ପ୍ରାୟ ଘଣ୍ଟାଏ ପାଖାପାଖି ରାସ୍ତା ଅବରୋଧ ପରେ ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନା ବେଳେ ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳଙ୍କ ସହ ଗ୍ରାମର ମୁରବୀ ମାନେ ଥିଲେ। କୁହୁଡ଼ି, ଦ୍ରୁତଗତି ଓ ବେଆଇନ ଭାରୀଯାନ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଘରର ଏକମାତ୍ର ରୋଜଗାରକ୍ଷମ ଉତ୍ତମ ଚରଣ

## ଆଜିଠାରୁ ମାଟ୍ରିକ୍ ପରୀକ୍ଷା

# ଜିଲ୍ଲାର ୯୧ କେନ୍ଦ୍ରରେ ୧୩,୪୧୨ ଛାତ୍ରଛାତ୍ରୀ

ଜଗତସିଂହପୁର,୧୮।୨(ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି ଚଳିତ ଶିକ୍ଷାବର୍ଷର ମାଟ୍ରିକ୍ ପରୀକ୍ଷା। ଏଥିପାଇଁ ଜଗତସିଂହପୁରଶିକ୍ଷାବିଭାଗତରଫରୁପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ମୋଟ ୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ଏଏଚ୍‌ଏସ୍‌ସି, ମଧ୍ୟମା ଏବଂ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୧୩,୪୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି। କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ସର୍ବାଧିକ ୧୬ଟି କେନ୍ଦ୍ରରେ ୨୮୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବିରିଡି ବ୍ଲକ୍ ଅଞ୍ଚଳରେ ସର୍ବନିମ୍ନ ୬ଟି କେନ୍ଦ୍ରରେ ୮୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ତିର୍ତ୍ତୋଲ ବ୍ଲକ୍‌ର ୧୫ କେନ୍ଦ୍ରରେ ୨୦୩୩ ଛାତ୍ରଛାତ୍ରୀ, ଜଗତସିଂହପୁର ବ୍ଲକ୍‌ର ୧୪ କେନ୍ଦ୍ରରେ ୧୯୪୧ ଛାତ୍ରଛାତ୍ରୀ, ଏରସମା ବ୍ଲକ୍‌ର ୧୨ କେନ୍ଦ୍ରରେ ୧୬୮୫ ଛାତ୍ରଛାତ୍ରୀ, ବାଲିକୁଦା ବ୍ଲକ୍‌ର ୧୩ କେନ୍ଦ୍ରରେ ୧୭୮୭ ଛାତ୍ରଛାତ୍ରୀ, ରଘୁନାଥପୁର ବ୍ଲକ୍‌ର ୮ କେନ୍ଦ୍ରରେ ୧୨୫୨ ଛାତ୍ରଛାତ୍ରୀ ଏବଂ ନାଉଗାଁ ବ୍ଲକ୍‌ର ୭ କେନ୍ଦ୍ରରେ ୧୦୨୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେବେ। ସେହିପରି ପ୍ରତି ବ୍ଲକ୍ ପାଇଁ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର କରାଯାଇଛି। ବାଲିକୁଦା ବ୍ଲକ୍ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିକୁଦା, ତିର୍ତ୍ତୋଲ ବ୍ଲକ୍ ପାଇଁ ମଣିଚରଣ ସାରଳା ଏକାଡେମୀ, ବିରିଡି ବ୍ଲକ୍ ପାଇଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚାନ୍ଦପୁର, ଏରସମା ବ୍ଲକ୍ ପାଇଁ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ବ୍ଲକ୍ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକ୍ ପାଇଁ ବନବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ବ୍ଲକ୍ ପାଇଁ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରଘୁନାଥପୁର ବ୍ଲକ୍ ପାଇଁ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଂଟର କରାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି। ପରୀକ୍ଷା ତଦାରଖ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨ଟି ସ୍କ୍ୱାଡ ଗଠନ କରାଯାଇଛି। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳେ ବିଡିଓ ଏବଂ ତହସିଲଦାର ମାନଙ୍କୁ ନିଜ ନିଜ ଅଞ୍ଚଳରେ ପରୀକ୍ଷା ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

## ପରୀକ୍ଷା ତଦାରଖ ପାଇଁ ୨ଟି ସ୍କ୍ୱାଡ ଗଠନ

# ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ସମ୍ମିଳନୀ




ଜଗତସିଂହପୁର,୧୮।୨(ସମିସ):

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଲିପିଙ୍ଗଳ ବାଲିଘାଇ ଠାରେ ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଜିଲ୍ଲା ଶାଖା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଷଦର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ଅନ୍ତର୍ଯ୍ୟାମୀ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ସମୀମ୍ ଆରା ମୁସ୍ତାଫା, ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଧ୍ୟକ୍ଷ ଡ. ସ୍ୱର୍ଣ୍ଣମୟୀ ରାଉତ, ଓଜେୟୁ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଡ. ସୌଦାମିନୀ ଦାଶ ଯୋଗଦେଇ ଲୋକମାନଙ୍କର ମୌଳିକ ଅଧିକାର କିଭଳି କ୍ଷୁଣ୍ଣ ନହେବ ପାଇଁ ସଂଗଠନ ତତ୍ପର ରହିବା ସହିତ ଜଗସିଂହପୁର ଜିଲ୍ଲାରେ ସଂଗଠନକୁ ସୁଦୃଢ କରିବା ସହିତ ସାଧାରଣ ଜନତାଙ୍କ ସେବାକୁ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ବେହେରା, ଯାଜପୁର ଜିଲ୍ଲା ସଭାପତି ଆଶିଷ ରାଉତ, ପୁରୀ ସଭାପତି ଜୟଶ୍ରୀ ପାତ୍ର, ବୀଣା ଷଡ଼ଙ୍ଗୀ, ଖୋର୍ଦ୍ଧା ସଭାପତି ଦୀନବନ୍ଧୁ ନାଏକ, ଝିଲ୍ଲିରାଣୀ ଜେନା, କଟକ ସଭାପତି ମଞ୍ଜୁ ବେଗମ, ରାଜ୍ୟ ସଭାପତି ଶ୍ରଦ୍ଧାଞ୍ଜଳୀ ଦାସ, ସଂପାଦକ ନୃସିଂହ ଚରଣ ମାନସିଂ, ସାଧାରଣ ସଂପାଦକ ପ୍ରଦୀପ୍ତ କୁମାର ନାୟକ, ବ୍ରହ୍ମପୁରର ଡ. ଟି. ବିଜୟ ରାଓ, ରଘୁନାଥପୁର ବ୍ଲକ ସଭାପତି ଧନଞ୍ଜୟ ମଲ୍ଲିକ, ବିରିଡି ବ୍ଲକ ସଭାପତି ଆଇନଜୀବୀ ଜିତେନ ବେହେରା, ବାଲିକୁଦା ବ୍ଲକ ସଭାପତି ରମେଶ ଦାଶ, ଜିଲ୍ଲା ସାଧରଣ ସଂପାଦକ ରଞ୍ଜନ କୁମାର ଲେଙ୍କା, ମୁଖ୍ୟ ଉପଦେଷ୍ଟା କଲ୍ୟାଣ ସେନ, ଜଗତସିଂହପୁର ସୁଚିସ୍ମିତା ଦାସ, ନାଉଗାଁ ବ୍ରଜକିଶୋର ବେହେରା, ଏରସମା ସଭାପତି ଚନ୍ଦ୍ରଜିତ ଦାସ, ତିର୍ତ୍ତୋଲ ସଭାପତି ରିଆସତ୍ ଉଲ୍ଲା, କୁଜଙ୍ଗ ବ୍ଲକ ସଭାପତି ବିଜୟ କୁମାର ବିଶ୍ୱାଳ, ନିଆଳି ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଦିପ୍ତିରେଖା ସାହୁ ଯୋଗଦେଇଥିଲେ। ସମାଜସେବୀ ଭଗବାନ ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଲିଗାଲ ଆଡଭାଇଜର ଆଇନଜୀବୀ ପ୍ରମିଳା ମହାରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ରଘୁନାଥପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ଗ୍ରାମପଞ୍ଚାୟତରେ ରେଡୁଆ ବିସି ବିଦ୍ୟାମନ୍ଦିର ୧୯୭୮ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଡୁଆ ବିଜୁ କମ୍ୟୁନିଟି ସେଣ୍ଟର ପରିସରରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସହପାଠୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅସୁସ୍ଥ ଥିବା ୨ ବନ୍ଧୁ ଅଭୟ ବାରିକ ଓ ରବୀନ୍ଦ୍ର ରାଉତଙ୍କୁ କିଛି ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଯେଉଁ ସହଯୋଗୀ ମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ଆଲୋଚନା ହେଇଥିଲା। ଏହି ଉତ୍ସବରେ ରବୀନ୍ଦ୍ରନାଥ ବିଶ୍ୱାଳ, ଶରତ ସାହୁ, ଶୈଳେନ୍ଦ୍ର ରାଉତ, ସୁରେଶ ମୁଦୁଲି, ନିମାଇ ବାରିକ, ବିଜୟ ଖଟୁଆ, ବିଜୟ ମହାନ୍ତି, ଚିତ୍ତରଞ୍ଜନ ରାଉତ, ସୁପ୍ରଭା ପ୍ରଧାନ, କନକ ଜେନା, ଜ୍ୟୋସ୍ନାମୟୀ ସାମଲ, ସରଳା ମହାନ୍ତି, ଗୌରାଙ୍ଗ ଦଳାଇ, ପ୍ରତିମା ରାଉତ, ପ୍ରମୋଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ଏରଡଙ୍ଗା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପରଲୋକ

ରଘୁନାଥପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତର ସରପଞ୍ଚ ଧର୍ମାନନ୍ଦ ସେଠୀଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି। ସେ ନିତ୍ୟକର୍ମ ସାରିବା ପାଇଁ ଗାଧୁଆଘରକୁ ଯିବା ବେଳେ ହଠାତ ସେଠାରେ ଗୋଡ଼ ଖସି ଯାଇଥିଲା। ଫଳରେ ତଳେ ପଡ଼ିପଛପାଶ୍ୱର୍ ମୁଣ୍ଡରେଗଭୀରଆଘାତଲାଗିକ୍ଷତାକ୍ତ ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଜଗତସିଂହପୁର ଜିଲ୍ଲା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଧର୍ମାନନ୍ଦଙ୍କୁ



ମୃତ ଘୋଷଣା କରିଥିଲେ। ତାଙ୍କ ମୃତ ଶରୀରକୁ ପୋଷ୍ଟମଟମ କରିବା ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା। ଏହି ଦୁଃଖଦ ଖବର ପାଇ ତିର୍ତ୍ତୋଲ ବିଧାୟକ ଡ. ରାମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ପୂର୍ବତନ ସମିତିସଭ୍ୟ ତାରାକାନ୍ତ ଜେନା, ଅନ୍ତର୍ଯ୍ୟାମୀ ରାଉତ, ପୂର୍ବତନ ରଘୁନାଥପୁର ଅଧ୍ୟକ୍ଷ ରଜତ କୁମାର ପାତ୍ର, ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟା ପୂଜାଲତା ଦାସ ଓ ରଘୁନାଥପୁର ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଧର୍ମାନନ୍ଦଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମପଞ୍ଚାୟତ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡପୁଅ ବିଶ୍ୱପ୍ରକାଶ ମୁଖାଗ୍ନି ଦେଇଥିବା ବେଳେ ଲିଟା ମହାନ୍ତିଙ୍କ ସହିତ ଗ୍ରାମପଞ୍ଚାୟତର ବହୁତ ଜନସାଧାରଣ ଉପସ୍ଥିତ ଥିଲେ।

## ● ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ

# ବାଲଦିଆର ୩ ବ୍ୟବସାୟୀ ଗିରଫ

ପାରାଦୀପ, ୧୮।୨ (ସମିସ) : ପାରାଦୀପ ଲକ୍ ଥାନା ଅଧୀନ ଚଉମୁହାଣି ନିକଟରୁ ଆଜି ଅପରାହ୍ନରେ ୩ ବ୍ରାଉନସୁଗର ବେପାରୀଙ୍କୁ ପୁଲିସ ଗିରଫ କରିଛି। ଏହି ତିନି ବ୍ୟବସାୟୀ ସ୍ଥାନୀୟ ବାଲଦିଆ ଗ୍ରାମର ବୋଲି ପୁଲିସ ଜାଣିବାକୁ ପାଇଛି। ସେମାନଙ୍କ ଠାରୁ ୨୩ ଗ୍ରାମରୁ ଉଦ୍ଧ୍ୱର୍ ବ୍ରାଉନସୁଗର ଜବତ ହୋଇଛି। ବିକ୍ରମ ପ୍ରଧାନ ଠାରୁ ୮.୬୧, ରଞ୍ଜିତ ପ୍ରଧାନଠାରୁ ୬.୭୪ ଗ୍ରାମ ଓ ବିଶ୍ୱଜିତ ଜେନା ଠାରୁ ୭.୭୪ ଗ୍ରାମ ବ୍ରାଉନସୁଗର ଜବତ ହେବା ସହ ଗୋଟିଏ ମଟରସାଇକଲ ଓ ୩ ଜଣଙ୍କ ଠାରୁ ୩ ଟି ମୋବାଇଲ ଜବତ କରିଛି ପୁଲିସ। ସେମାନେ ଗରାଖଙ୍କୁ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ପୁଲିସ ଗ୍ରାହକ ଭାବେ ଯାଇ ସେମାନଙ୍କୁ କାବୁ କରିଥିଲା। ଏହି ଯୁବକମାନେ ରୀତିମତ ଭାବେ ଏହି ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ପୁଲିସ ଜାଣିବାକୁ ପାଇଛି। ତେବେ ଏଭଳି ନିଶା କାରବାର ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶିକ୍ଷିତ ଯୁବକ ମାନେ ଏହି ବ୍ରାଉନସୁଗର ଭଳି ନିଶା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବା ସେବନ କରିବାକୁ ପସନ୍ଦ କରୁଛନ୍ତି। ଏନେଇ ଥାନାରେ ତିନିଟି ପୃଥକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଏହି ଅଭିଯୁକ୍ତ ମାନଙ୍କ କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ଔଷଧ ଦୋକାନ ନାଁ ନେଇ ଅଭିନବ ଠକେଇ

କୁଜଙ୍ଗ,୧୮।୨(ସମିସ): କୁଜଙ୍ଗ ବ୍ଲକ ତଥା ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠ ରାହାମା ହାଟ ଜନୈକ ପ୍ରତିଷ୍ଠିତ ଔଷଧ ଦୋକାନ ନାଁ ନେଇ ଅଭିନବ ଭାବେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। ରାହାମା ବଜାର ମଲ୍ଲିକେଶ୍ୱର୍ ମେଡିସିନ ଷ୍ଟୋର ପ୍ରୋପାଇଟର ବିବେକାନନ୍ଦ ମହାନ୍ତି ଏହି ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ସେ ଯାଇଛନ୍ତି କିଛି ଠକ ତାଙ୍କ ନାଁ ନେଇ ମେଡିସିନ କମ୍ପାନୀରୁ ଆମର ଏସି ମେସିନ ସ୍କିମ୍ ଅନୁସାରେ ମିଳିଛି। ମାତ୍ର ଆମର ଦରକାର ନାହିଁ ଓ ୧୭୦୦ ଟଙ୍କା ଫୋନ୍ ପେ' କଲେ ଏସି ମିଳିବ କହି ଲୋକମାନଙ୍କୁ ଠକିଥିବା ସେ ତିର୍ତ୍ତୋଲ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୋକାନ ନାଁ ଥିବାରୁ କିଛି ଲୋକ ବିଶ୍ୱାସ ହେଉ କି ଲୋଭ ହେଉ ଟଙ୍କା ଦେଇ ଠକାମୀ ଶିକାର ହୋଇଛନ୍ତି। ଏହିପରି ଫୋନ୍ ବିଭିନ୍ନ ଲୋକଙ୍କ ନିକଟକୁ ଯାଉ ଥିବାରୁ ସେ ପୁଲିସ ନିକଟରେ ଅଭିଯୋଗ କରିବା ସହ ଜନସାଧାରଣ ଗୁଜବରେ ବିଶ୍ୱାସ କରି ଏହି ପରି ଫୋନ୍‌ରେ କାହାକୁ ଟଙ୍କା ନ ଦେବାକୁ ନିବେଦନ କରିଛନ୍ତି।

# ଗୀତା ଓ ଭାଗବତର ସ୍ୱାଧ୍ୟାୟ ଦିବ୍ୟଚେତନାର ଅଧିକାରୀ କରାଏ'



ଜଗତସିଂହପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାଡା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ପାଳିତ ହେଉଛି। ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଗୋପିନାଥ ଦାତବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟ କିଶୋର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ହୃଷୀକେଶ ସାହୁ କହିଲେ ଯେ ଗୀତା ଓ ଭାଗବତ ହେଉଛି ଅମୂଲ୍ୟ ଗ୍ରନ୍ଥ। ଯାହା ଆମ ଜୀବନକୁ ସରସ ଓ ସୁନ୍ଦର କରି ଗଢି ତୋଳେ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅଭୟ ନାୟକ କହିଲେ ଯେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ ଯାହା ଶ୍ରୀମଦ୍ ଭଗବଦ୍ ଗୀତା ଓ ଭାଗବତ ଆକାରରେ ଆମ ପାଖରେ ଉପଲବ୍ଧ। ତାକୁ ଦୈନିକ ପାଠକଲେ ଜଣେ ଅବଶ୍ୟ ଦିବ୍ୟଜୀବନର ଅଧିକାରୀ ହୋଇପାରିବ। ଏହି ସଭାକୁ ସଞ୍ଚାଳିତ କରିଥିଲେ ଅଧ୍ୟାପକ ପ୍ରଶାନ୍ତ ଶତପଥି। ସାତଦିନ ବ୍ୟାପୀ ପ୍ରତିଷ୍ଠା ମହୋତ୍ସବର ଦ୍ୱିତୀୟ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବାଲିକୁଦା ଅଞ୍ଚଳରୁ ଦଶମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

## ● ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଶ୍ରୀରାମ ଇଲେଭେନ୍ ପାରାଦୀପ ଗଡ଼ ଚାମ୍ପିଅନ



ପାରାଦୀପ,୧୮।୨(ସମିସ): ବାବା ବନବିହାରୀ କ୍ରିକେଟ୍ ଟିମ୍ ନରେନ୍ଦ୍ରପୁର ପକ୍ଷରୁ ଆୟୋଜିତ ୩୩ତମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ନରେନ୍ଦ୍ରପୁର କ୍ରିକେଟ ପିଚ୍‌ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଚାୟତର ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଏହି ଖେଳ ଦୀର୍ଘ ୮ ଦିନ ଧରି ଚାଲିଥିଲା। ୧୬ଟି ଟିମ ମଧ୍ୟରୁ ପରାଦୀପ ଗଡ଼ ଓ ଢିଙ୍କିଆ ଫାଇନାଲକୁ ଯାଇଥିଲେ। ଆଜି ଆୟୋଜିତ ଫାଇନାଲ୍ ମ୍ୟାଚରେ ଉଭୟଙ୍କ ମଧ୍ୟରେ ୩ ଟିକିଆ ସିରିଜ୍ ମ୍ୟାଚ କରାଯାଇଥିଲା। ଏଥିରେ ଶ୍ରୀରାମ ଇଲେଭେନ ପରାଦୀପ ଗଡ ୨-୧ରେ ଚାମ୍ପିଅନ ହୋଇଥିଲା। ତେବେ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ସିରିଜ କୁମାର ବଣ୍ଟି ହୋଇଥିବା ବେଳେ ମ୍ୟାନ୍ ଅଫ ଦି ମ୍ୟାଚ୍ ଟୁଲୁ ପଣ୍ଡା, ବେଷ୍ଟ ବ୍ୟାଟସମ୍ୟାନ ପିନୁ ପାରାଦୀପ ଗଡ଼ର, ଢିଙ୍କିଆର ବେଷ୍ଟ ବୋଲର ସୁମନ୍ତ କୁମାର ଦାସ ଓ ବେଷ୍ଟ ଫିଲ୍ଡର ବିନୋଦଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ଚନ୍ଦନ ବେହେରା, ସମୀର ଦାସ କରିଥିଲେ। ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଭଗବାନ୍ ସୂତାର ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଓ ଧାରା ବିବରଣୀ ପାଠ କରିଥିଲେ ବିଶିଷ୍ଟ ସାହିତ୍ୟିକ ବିପିନ୍ କୁମାର ପତି। ଏହି ଖେଳ ଲକ୍ଷ୍ମୀକାନ୍ତ ଡୋରା, ବିଜୟ ପାଣି, ଜୀବନ ସୂତାର, ତୋଫାନ୍, ସୁଧାଂଶୁ ଓ ଗ୍ରାମ ବାସୀଙ୍କ ସହଯୋଗ ରେ ପରିଚାଳିତ ହେଇଥିଲା।

# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

ନାଉଗାଁ,୧୮।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅନାଦି ଚରଣ



ପଣ୍ଡାଙ୍କ ୭୮ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ବିୟୋଗ ଖବର ପାଇଁ, ପୂର୍ବତନ ବିଧାୟକ ତଥା ଛାତ୍ର ଜ୍ୟୋତିଷ ଚନ୍ଦ୍ର ଦାସ, ଛାତ୍ର ଜଗନ୍ନାଥ ଧର୍ମ ପ୍ରଚାରକ ତଥା ତିହୁଡା ଗୁରୁକୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ବାବୁରାମ ପରିଡ଼ା, ପ୍ରମୋଦ ସିଂହ, ଗୁନ ଚନ୍ଦ୍ର ଦାସ, ସନ୍ଧ୍ୟାରାଣୀ ଦାସ, ନାଉଗାଁ ପ୍ରେସ୍ କ୍ଲବର ବୈଷ୍ଣବ ରାଉଳ, ମନୋଜ ନାୟକ, ରଶ୍ମି କାନ୍ତ ପାଢ଼ୀ, କୁନା ବାରିକ, ଆଲୋକ କୁମାର ଶିଶୁ, ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ବାଲିସାହି ସ୍ଥିତ ନିଜ ଗ୍ରାମ ଶ୍ମଶାନରେ ତାଙ୍କ ପରିବାର ସଦସ୍ୟ ପ୍ରିୟଜନଙ୍କ ଉପସ୍ଥିତିରେ ବଡ଼ପୁଅ ଦିଲିପ ପଣ୍ଡାଙ୍କ ଦ୍ୱାରା ମୁଖାଗ୍ନି ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# କିଡ୍‌ସ କିଙ୍ଗଡମ୍ ପ୍ଲେ' ସ୍କୁଲର ବାର୍ଷିକୀ ଉତ୍ସବ

ଜଗତସିଂହପୁର,୧୮।୨(ସମିସ):

ଜଗତସିଂହପୁର ସହର ସ୍ଥିତ କିଡ୍‌ସ କିଙ୍ଗଡମ୍ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍ସବ ଉଦଘାଟନ ପରେ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ଶିକ୍ଷାଦାନ ସହିତ ଶିଶୁମାନଙ୍କୁ ଭଲ ମଣିଷ ଭାବରେ ଗଢି ତୋଳିବାକୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ମେଜର ଡାକ୍ତର ଧରଣୀଧର ଖୁଣ୍ଟିଆ ଯୋଗଦେଇ ପିଲାକୁ ଗଢ଼ିତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂହ ଯୋଗଦେଇ ଗୋଟିଏ ଛାତ ତଳେ ଏକାଠି ଏତେ ଗୁଡିଏ ପିଲାମାନଙ୍କୁ ଶିକ୍ଷାଦାନ କରିବା ସହିତ ସେମାନଙ୍କର ଅନ୍ତର୍ନିହିତ ଗୁଣଗୁଡିକୁ ଲୋକଲୋଚନକୁ ଆଣିବାରେ ବିଦ୍ୟାଳୟର ପ୍ରୟାସ ପ୍ରଶଂସାଯୋଗ୍ୟ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ରାଉତ ସଭାପତିତ୍ୱ କରିବା ସହିତ ଅଭିଭାବକମାନଙ୍କୁ ପିଲାଙ୍କ ସାଙ୍ଗରେ ପିଲାହୋଇ ଖେଳିବା ପାଠ ପଢ଼ା ନାଚଗୀତ, ଚିତ୍ରାଙ୍କନ ସବୁଥିରେ ସାଥି ହୋଇ ସହଯୋଗ କରିବା ସହିତ ମୋବାଇଲ ଠାରୁ ଦୁରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ଗୋଛାୟତ, ସାନିୟା ଫିର୍ଦୋଷ, ଅନିତା ଜେନା, କିରଣବାଳା ଦାସ, ମଞ୍ଜୁଲତା ଦାସ, ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନିଶାତ ଆଫ୍ରିନ ଧନ୍ୟବାଦ ଅର୍ପଣ କରିଥିଲେ।





ସକାଳ
THE SAKALA



www.sakalaepaper.com

## କେନ୍ଦ୍ରାପଡ଼ାରେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି

# ୧୦୭ କେନ୍ଦ୍ରରେ ୧୯,୮୧୬ ପରୀକ୍ଷାର୍ଥୀ

କେନ୍ଦ୍ରାପଡା,୧୮।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାରେ ୧୯ ତାରିଖ ଅର୍ଥାତ ଆଜିଠାରୁ ଆରମ୍ଭ ହେବାକୁ ଥିବା ବାର୍ଷିକ ମାଟ୍ରିକ୍ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ସର୍ବମୋଟ ୧୯,୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହି ପରୀକ୍ଷାରେ ୧୯,୨୮୮ ଜଣ ରେଗୁଲାର, ୫୦ ଜଣ ଏକ୍ସ-ରେଗୁଲାର, ୨୩୧ ଜଣ ମଧ୍ୟମା ଓ ୨୯୪ ଜଣ ରାଜ୍ୟ ଓପନ ସ୍କୁଲ ପରୀକ୍ଷାର୍ଥୀ ଅଂଶଗ୍ରହଣ କରୁଛନ୍ତି। ରେଗୁଲାର, ଏକ୍ସ-ରେଗୁଲାର ଓ ମଧ୍ୟମା ପରୀକ୍ଷା ପାଇଁ ୧୦୫ଟି କେନ୍ଦ୍ର ଓ ଓପନ ସ୍କୁଲ ପାଇଁ ୨ଟି ସ୍ୱତନ୍ତ୍ର କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଜଣେ କରି ସୁପରିନଟେଣ୍ଡେଣ୍ଟ ଓ ଡେପୁଟି ସୁପରିନଟେଣ୍ଡେଣ୍ଟ ନିଯୁକ୍ତି ହୋଇଥିବା ବେଳେ ୧୦୭ ଜଣ ଶିକ୍ଷା ନିରୀକ୍ଷକ, ୧୦୭ ଜଣ ରିଲିଭର ଓ ୨୫୦ ଜଣ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ

### ୯ ପ୍ରଶ୍ନପତ୍ର ହବ୍, ସିସିଟିଭି ନଜରରେ ରହିବ କେନ୍ଦ୍ର

କରାଯାଇଛି। କପି ରୋକିବା ନିମନ୍ତେ ୫ଟି ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିଯୁକ୍ତି ହେବେ। ସେହିପରି ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ମଧ୍ୟ ନିଯୁକ୍ତି ପାଇବେ। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ଆବରଣ କରି ୯ଟି ନୋଡାଲ ସେଣ୍ଟର ବା ପ୍ରଶ୍ନପତ୍ର ହବ୍ ସ୍ଥାପନ କରାଯାଇଛି। ଏହି ହବ୍‌ଗୁଡ଼ିକୁ ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବଳୟରେ ରଖାଯାଇଛି। ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ପାଇଁ ୪୦ ଜଣ ଶିକ୍ଷକଙ୍କୁ ଡେସପାଚ୍ ଟିମରେ ନିଯୁକ୍ତି ଦିଆଯାଇଛି। ପରୀକ୍ଷାର ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ୧୦୭ଟି ପରୀକ୍ଷା କେନ୍ଦ୍ରକୁ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ ନେବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ନିମନ୍ତେ ପ୍ରତ୍ୟେକ କେନ୍ଦ୍ରରେ ପୋଲିସ ବଳ ମୁତୟନ କରାଯିବ। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ କହିଛନ୍ତି ଯେ, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାକୁ ସୁଚାରୁ ଓ କପିମୁକ୍ତ ଭାବେ ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ପ୍ରଶାସନ, ଶିକ୍ଷା ବିଭାଗ ଓ ପୋଲିସ ବିଭାଗର ସମନ୍ୱୟରେ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବେ ସମ୍ପନ୍ନ କରାଯିବାକୁ ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ପରୀକ୍ଷା ପାଇଁ ଜିଲ୍ଲା ପ୍ରଶାସନର ସୁଚିନ୍ତିତ ପଦକ୍ଷେପ ଓ କଡ଼ା ସୁରକ୍ଷା ବ୍ୟବସ୍ଥା ଦେଖି ଏଥର ପରୀକ୍ଷା ଶୃଙ୍ଖଳିତ ଓ କପିମୁକ୍ତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## +୨ ପରୀକ୍ଷା ଆରମ୍ଭ: ୧୭ଟି କେନ୍ଦ୍ରରେ ୯୨୦ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା,୧୮।୨(ସମିସ): କେନ୍ଦ୍ରାପଡା ସହରର କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବୁଧବାର ଠାରୁ +୨ ବାର୍ଷିକ ପରୀକ୍ଷା ଶୃଙ୍ଖଳିତ ପରିବେଶରେ ଆରମ୍ଭ ହୋଇଛି କ୍ଷ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ଛାତ୍ରଛାତ୍ରୀ ଉତ୍ସାହର ସହ ପରୀକ୍ଷା ଦେଇଥିବା ଦେଖାଯାଇଛି। ଏହି କେନ୍ଦ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧୀନରେ କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ +୨ ବିଜ୍ଞାନ ଶ୍ରେଣୀର ଏମ୍ଆଇଏଲ୍ (ଓଡ଼ିଆ) ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା କେନ୍ଦ୍ରର ୧୭ଟି ପରୀକ୍ଷା ହଲରେ ସର୍ବମୋଟ ୯୨୦ ଜଣ ପରୀକ୍ଷାର୍ଥୀ ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ଦେଇଥିଲେ।



ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ କେନ୍ଦ୍ରାପଡା କଲେଜର ୫୨ ଜଣ ଅଧ୍ୟାପକ ଓ ଅଧ୍ୟାପିକା ନିରୀକ୍ଷକ, ରିଲିଭର ଓ ଗେଟ୍ ଚେକିଂ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଭାବେ ଅଧ୍ୟାପକ ସେକ ହବିବ୍ ଓ ଉପଅଧୀକ୍ଷକ ଭାବେ ଅଧ୍ୟାପକ ସୁଦର୍ଶନ ପାତ୍ର ଦାୟିତ୍ୱରେ ରହିଥିବା ବେଳେ, ଉପଅଧୀକ୍ଷିକା ଡ. ବାସନ୍ତୀ ଶୁକ୍ଳା ପରୀକ୍ଷାର ସମନ୍ୱୟ କରୁଛନ୍ତି। ପରୀକ୍ଷା ସମୟରେ ସମସ୍ତ ବ୍ୟବସ୍ଥା ସୁଚାରୁ ଓ ଶୃଙ୍ଖଳିତ ଥିବା ସେ ସୂଚନା ଦେଇଛନ୍ତି। ଆସନ୍ତା କାଲି ଏହି କେନ୍ଦ୍ରରେ ଧନ୍ଦାମୂଳକ ଶିକ୍ଷା ବିଭାଗର ପଦାର୍ଥବିଜ୍ଞାନ ବିଷୟରେ ପରୀକ୍ଷା ହେବ। ଏଥିରେ ୪୫ ଜଣ ରେଗୁଲାର ଓ ୫ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅଂଶଗ୍ରହଣ କରିବେ। ପରୀକ୍ଷାର ପ୍ରଥମ ଦିନ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନଗୁଡିକରେ ମଧ୍ୟ ଏହି ଶୃଙ୍ଖଳା ଜାରି ରହିବ ବୋଲି ଆଶା କରାଯାଉଛି।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ନୂତନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧୮।୨(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଟାଉନ ଥାନା, ସଦର ଥାନା ଓ ନିକିରାଇ ଥାନାରେ ନୂତନ ଭାବେ ଯୋଗଦେଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ପଦ୍ମାଳୟା ପ୍ରଧାନ ଓ ବିମଲ୍ କୁମାର ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପୁଲିସ ଓ ସମାଜର ମଧ୍ୟରେ ସମ୍ପର୍କ, ନୂତନ ଆଇନ ବ୍ୟବସ୍ଥା ଓ ବର୍ତ୍ତମାନର ସାମାଜିକ ପରିସ୍ଥିତି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ଯୁବପିଢ଼ିଙ୍କୁ ଆଇନ ସଚେତନତା ଓ ନାଗରିକ କର୍ତ୍ତବ୍ୟ ପାଳନରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ କରିଥିଲେ। ସମାଜରେ ଶାନ୍ତି, ଶୃଙ୍ଖଳା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପକ୍ଷରୁ ଗଣେଶ ଚନ୍ଦ୍ର ପ୍ରଧାନ, ସସ୍ମିତା ପ୍ରିୟଦର୍ଶିନୀ କୁଣ୍ଡୁ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ଶିବ ନାରାୟଣ ଦାସ, ଶୁଭ୍ର ଶୁଭଙ୍କର ବିଶ୍ୱାଳ, ଶିବଶ୍ରିତ ଦେହୁରୀ, ଅସିମ୍ ରଞ୍ଜନ ନାୟକ, ପ୍ରିୟବ୍ରତ ମହାନ୍ତି, କାଳୀ ପ୍ରସନ୍ନ ଦାସ, ସୁବୋଧ ସତ୍ୟଜିତ୍, ଅଭିଜିତ୍ ପ୍ରଧାନ ଓ ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପରଲୋକ

ଆଳି,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କଳସପୁର ଗ୍ରାମର ବରିଷ୍ଠ ରାଜନୀତିଜ୍ଞ, ଆଳି ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଅବିଭକ୍ତ



ଭୂଇଁପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ଧଳଙ୍କର ଗତକାଲି ବିଳମ୍ବିତ ରାତ୍ରିରେ ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପରଲୋକ ଖବର ପାଇ ପିସିସି ସମ୍ପାଦିକା ତଥା ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ଜିଲ୍ଲାପରିଷଦ ଉପାଦକ୍ଷ ଭୀଷ୍ମ ମହାନ୍ତି, ବିଜେପି ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଭୂଇଁପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର, କଳସପୁର ସରପଞ୍ଚ ସୁଧୀର ମଲିକ, ସମାଜସେବୀ କଳ୍ପତରୁ ଦାସ ପ୍ରମୁଖ ସ୍ୱର୍ଗତଙ୍କ ଶ୍ରୀ ଧଳଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶ୍ରୀ ଧଳ ଦୁଇ ଦୁଇ ଥର ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିବାବେଳେ ଦୁଇଥର ସରପଞ୍ଚ ମଧ୍ୟ ଥିଲେ। ସେ ପରୋପକାରୀ, ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ କଳସପୁର ପଞ୍ଚାୟତ ସମେତ ସମଗ୍ର ଆଳିରେ ଶୋକର ଛାୟା ଖେଳି ଯାଇଛି। ବଡ଼ ପୁଅ ପ୍ରସନ୍ନ କୁମାର ଧଳ ମୁଖାଗ୍ନି ଦେଇଥିବାବେଳେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

## ବିଧୁଭୂଷଣଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ମନରେଗା ସଂଯୋଜକ ଦାୟିତ୍ୱ



କେନ୍ଦ୍ରାପଡ଼ା,୧୮।୨(ସମିସ): ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଓ ଆଇନଜୀବୀ ବିଧୁଭୂଷଣ ମହାପାତ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଯୋଜନା (ମନରେଗା)ର ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ଦୀର୍ଘଦିନର ସଂଗଠାନିକ ଅଭିଜ୍ଞତା ଓ ସକ୍ରିୟତାକୁ ଦୃଷ୍ଟିରେ ରଖି ଦଳ ଏହି ଦାୟିତ୍ୱ ଦେଇଥିବା କୁହାଯାଉଛି। ବିଧୁଭୂଷଣ ମହାପାତ୍ର ଜଣେ ଶୃଙ୍ଖଳିତ ଓ ନିଷ୍ଠାବାନ କଂଗ୍ରେସ କର୍ମୀ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କେବଳ ରାଜନୀତିକ କ୍ଷେତ୍ରରେ ନୁହେଁ, ସାମାଜିକ ଓ ଲୋକହିତକାରୀ କାର୍ଯ୍ୟରେ ମଧ୍ୟ ଶ୍ରୀ ମହାପାତ୍ରଙ୍କ ସଂପୃକ୍ତି ଉଲ୍ଲେଖନୀୟ। ସେ ଦୀର୍ଘ ୨୦ ବର୍ଷ ଧରି ରାଜ୍ୟ ସଡ଼କ ସୁରକ୍ଷା ସମିତିର ସଦସ୍ୟ ଭାବେ କାମ କରି ଅନେକ ମୂଲ୍ୟବାନ ପରାମର୍ଶ ଦେଇଛନ୍ତି। ତାଙ୍କ ନିଯୁକ୍ତି ଫଳରେ ଜିଲ୍ଲାରେ ବିରୋଧୀ ଦଳ ଭାବେ କଂଗ୍ରେସର ସଂଗଠନ ଆହୁରି ସକ୍ରିୟ ହେବ ବୋଲି ମତ ପ୍ରକାଶ ପାଇଛି। ବିଧୁଭୂଷଣ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦଳ ତାଙ୍କ ଉପରେ ଯେଉଁ ଭରସା ରଖିଛି, ସେ ତାହାକୁ ସମ୍ମାନ କରି ନିଷ୍ଠା ଓ ସତ୍ୟନିଷ୍ଠା ସହ କାର୍ଯ୍ୟ କରିବେ। ମନରେଗା ଯୋଜନା ମାଧ୍ୟମରେ ଗ୍ରାମୀଣ ଲୋକଙ୍କ ଅଧିକାର ସୁନିଶ୍ଚିତ କରିବା ସହ ଯେଉଁଠାରେ ଅନିୟମିତତା ରହିଛି, ସେଠାରେ ଦଳ ପକ୍ଷରୁ ସ୍ୱର ଉଠାଯିବ ବୋଲି ସେ କହିଛନ୍ତି।

## ସାଇକଲକୁ ଧକ୍କାଦେଲା ହାଇୱା; ଛାତ୍ରୀ ଗୁରୁତର

ଆଳି,୧୮।୨(ସମିସ): ଆଳି ଥାନା କଟକ-ଚାନ୍ଦବାଲି ରାସ୍ତାର ବାଲକାଟି ଖଣ୍ଡିଆପାଟଣା ଛକ ନିକଟରେ ରାଜକନିକାରୁ ଟ୍ୟୁସନ ସାରି ଫେରୁଥିବା ଜଣେ କଲେଜ ଛାତ୍ରୀଙ୍କୁ ଏକ ଦ୍ରୁତଗାମୀ ହାଇୱା



ଧକ୍କା ଦେବା ଫଳରେ ଛାତ୍ରୀ ଜଣକ ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି ଆଳି ଥାନା ବାଲକାଟୀ ଗ୍ରାମ ତଥା ରାଜକନିକା ଏସ୍ଏନ୍ କଲେଜର ଯୁକ୍ତ ଦୁଇ ଛାତ୍ରୀ ପ୍ରୀତି ସାହୁ (୨୨) ଟ୍ୟୁସନ ସାରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଦ୍ରୁତଗାମୀ ହାଇୱା ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କ ପଛ ପଟ ମୁଣ୍ଡ ମାଡ଼ ହୋଇଥିବା ବେଳେ ସେ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ଖବର ପାଇ ସଡ଼କବନ୍ଧୁ ସୁଶାନ୍ତ ତରାଇ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ କାର୍ ଯୋଗେ ତାଙ୍କୁ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## ରମାକାନ୍ତ ଜେନା ରାଜନଗର ବ୍ଲକ୍ ଦଳିତ କଂଗ୍ରେସ ସଭାପତି



ରାଜନଗର,୧୮।୨(ସମିସ): ରାଜନଗର ବ୍ଲକ୍ ଦଳିତ କଂଗ୍ରେସ ସଭାପତି ଭାବେ ରମାକାନ୍ତ ଜେନାଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ରାଜନଗର ବ୍ଲକ୍‌ରୁ ଜିଲ୍ଲା କମିଟିରେ ନିଯୁକ୍ତ ପାଇଥିବା ଜିଲ୍ଲା ଦଳିତ ଉପସଭାପତି ବାବନ କୁମାର ଜେନା, ଜିଲ୍ଲା ସମ୍ପାଦକ ଭାବେ ଲଛମନ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଜି ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟଠାରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ଦଳିତ ନେତାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ବିଜୟ କୁମାର ରାଉତ, କୈଳାସ କୁମାର ସାମଲ, ଶଶଧର ସେଠୀ, ବିକା ସେଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ବ୍ଲକ୍‌ର ଦଳିତ କଂଗ୍ରେସ ସଭାପତି ଭାବେ ଶ୍ରୀ ଜେନା ନିଯୁକ୍ତି ପାଇବା ପରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ପ୍ରଦେଶ, କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜ୍ୟ ଦଳିତ କଂଗ୍ରେସ ସଭାପତି ମାନସ କୁମାର ମଲ୍ଲିକ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳିତମାନଙ୍କ ନ୍ୟାଯ୍ୟ ଅଧିକାର ପାଇଁ ମଧ୍ୟ ସଂଗ୍ରାମ ଜାରି ରହିବ ବୋଲି ମତ ରଖିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବମୟ ଇତିହାସର ମୂକସାକ୍ଷୀ ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ୫୦ବର୍ଷ ପୂର୍ତ୍ତି ଉତ୍ସବକୁ ମନୋରମ କରିବା ପାଇଁ କଲେଜ କର୍ମଚାରୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩ରୁ ୫ ତାରିଖ ୩ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି।

ଏ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଅନ୍ୟ ଏକ ବୈଠକ ଆସନ୍ତା ୨୫ ତାରିଖରେ କଲେଜ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରିବାରେ ସହଯୋଗ କରିବାକୁ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଅନୁରୋଧ କରିଛନ୍ତି।

## ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାରଙ୍କୁ ରାଜନଗର ବିଡିଓ ଦାୟିତ୍ୱ

ରାଜନଗର,୧୮।୨(ସମିସ): ରାଜନଗର ବ୍ଲକ୍‌ରେ ଦୀର୍ଘ ଦୁଇବର୍ଷ ହେଲା ଅଚଳାବସ୍ଥା ଲାଗି ରହିଛି। ଜଣେ ଅଧିକାରୀ ଅଞ୍ଚଳ ବିଷୟରେ ଜାଣିବା ପୂର୍ବରୁ ଆଉ ଜଣେ ଦାୟିତ୍ୱ ନେଉଛନ୍ତି।



ମାତ୍ର ୨୦ମାସରେ ରାଜନଗର ବ୍ଲକରେ ୮ ଜଣ ବିଡିଓ ଦାୟିତ୍ୱରେ ରହିବା ଏହାର ଜ୍ୱଳନ୍ତ ଉଦାହରଣ। ସ୍ୱଳ୍ପ ସମୟ ଅବଧି ମଧ୍ୟରେ ବିଡିଓ କିପରି ଉନ୍ନୟନ କାମ କରିପାରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ରାଜନଗର ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇପଡ଼ିଛି। ଦୁଇମାସ ତଳେ ଯୋଗ ଦେଇଥିବା ମହିଳା ବିଡିଓଙ୍କୁ ଅଫିସ ଭିତରେ ଆକ୍ରମଣ କରିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ବିଜେପି ନେତା ଲଳିତ କୁମାର ବେହେରା ବିଡିଓଙ୍କ କାର୍ଯ୍ୟାଳୟ ମଧ୍ୟରେ ପଶି କମ୍ପ୍ୟୁଟର ଉଠାଇ ଆକ୍ରମଣ କରିବା ଘଟଣାରେ ୬ ଦିନ ଧରି ରାଜନଗର ବ୍ଲକ୍‌ରେ ତାଲା ଝୁଲିଥିଲା। ଶେଷରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକ୍‌କୁ ବଦଳି କରାଯାଇଥିଲା। ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରାଯାଇଥିଲେ ମଧ୍ୟ ରାଜନଗର ବ୍ଲକରେ ବିଡିଓ ଭାବେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିଲା। ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ରିଲିଭ୍ କରିଦିଆଯିବା ପରେ କାମଚଳା ବିଡିଓ ଭାବେ ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାର ଅଶୋକ କୁମାର ମହାନ୍ତିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଆଜି ଶ୍ରୀ ମହାନ୍ତି ରାଜନଗର ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଗାଇଦଣ୍ଡା ରାସ୍ତା ପୋଲ ନିର୍ମାଣ ନିମ୍ନମାନର

## ସୂଚନା ଫଳକ ନାହିଁ, ଅଧିକାରୀଙ୍କ ଦେଖା ମିଳୁନି



ପଞ୍ଚୁପାଣ୍ଡବ,୧୮।୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ବେଲାର ପୁର ଗ୍ରାମରେ ଥିବା ଗାଇଦଣ୍ଡା ରାସ୍ତାକୁ ଯିବା ଆସିବା କରିବା ପାଇଁ ଦୀର୍ଘଦିନ ହେଲା ଏକ ପୋଲ ନିର୍ମାଣ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏହି ଦାବିକୁ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଜଣେ ଠିକାଦାର କିଛିଦିନ ତଳେ ଏକ ପୋଲ ନିର୍ମାଣ କରିଥିବା ଦେଖିବାକୁ ମିଳୁଛି। ହେଲେ ପୋଲକୁ ସଂଯୋଗ କରିଥିବା ରାସ୍ତାକୁ ଅତି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଠିକାଦାର ଜଣଙ୍କ ମାଟି ବାହାରୁ ନ ଆଣି ପୋଲ ନିକଟରୁ ମାଟି ଉଠାଇ ରାସ୍ତାରେ ପକାଇଥିବା ଅଭିଯୋଗ ହେଉଛି। ପୋଲର ଦୁଇ ପାଶ୍ୱର୍ରେ ଥିବା ବାଡ଼ ଛୋଟ ହୋଇଥିବାରୁ ଅସରାଏ ବର୍ଷା ହେଲେ ରାସ୍ତାରେ ପଡ଼ିଥିବା ମାଟିର ଅତଡ଼ା ଖସି ଧୋଇ ହୋଇ ଯିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏହି ପୋଲର ଦୁଇ ପାଶ୍ୱର୍ରେ ଛୋଟ ପଥର ପ୍ୟାକିଙ୍ଗ କରିଥିବା ଦେଖିବାକୁ ମିଳୁଛି। ଏହିପୋଲ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ କାମରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ହଜାର ହଜାର ଚାଷୀ ଯିବା ଆସିବା କରୁଥିବା ବେଳେ ହଳବଳଦ ଓ ଟ୍ରାକ୍ଟର ଚାଷ ଜମିକୁ ଯିବା ଆସିବା କରୁଛି। ଏହାର ତଦନ୍ତ କରାଯାଇ ସୂଚନା ଫଳକ ଲଗାଇବା ସହିତ ନିର୍ମାଣ କାର୍ଯ୍ୟ ଠିକ ଭାବେ କରିବା ପାଇଁ ଶତାଧିକ ଚାଷୀ ଦାବି କରିଛନ୍ତି।

### ଜିଲ୍ଲାସ୍ତରୀୟ ଆଶା ଓ ଆରୋଗ୍ୟ ସମିତି ସମ୍ମିଳନୀ

## ଶ୍ରେଷ୍ଠ ଆଶା କର୍ମୀ ଓ ସମିତିକୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ସମିତିଗୁଡ଼ିକର ଉତ୍ସର୍ଗୀକୃତ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର ଓ ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ମେଡିକାଲ ଅଧିକାରୀ ନିରଞ୍ଜନ କର, ଏନ୍ଏଚ୍ଏମ୍ ଡିପିଏମ୍ ଡ. ମନୋରଞ୍ଜନ ସାହୁ ଓ ଆର୍ଥିକ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଶ୍ରେଷ୍ଠ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡେରାବିଶର ନିରୁପମା ସେଠୀ, ଆଳିର ସରସ୍ୱତୀ ମଲ୍ଲୀକ, ଇଦ୍ଦୁପୁରର କାନ୍ତିପ୍ରଭା ନାୟକ, ମହାକାଳପଡ଼ାର କାଦମ୍ବିନୀ ଖଟୁଆ, ମାର୍ଶାଘାଇର କବିତା ନାୟକ, ପାଟକୁରାର ଝରଣା ମହାନ୍ତି, ରାଜନଗରର କବିତା ରାଉତ, ରାଜକନିକାର ମମତା ନାୟକ, ପଟ୍ଟାମୁଣ୍ଡାଇର ଲିଜାରାଣୀ ପଣ୍ଡା ଓ କେନ୍ଦ୍ରାପଡ଼ା ସହରାଞ୍ଚଳର ଅମ୍ବିକାବାଳା ନାଥଙ୍କୁ ଶ୍ରେଷ୍ଠ ଆଶା ଭାବେ ସମ୍ମାନିତ କରାଯାଇଥିଲା।

ସେହିପରି ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଭାବେ ଡେରାବିଶର ଖମରବେଲରପା, ଆଳିର ମାଳପାଟଣା, ଇଦ୍ଦୁପୁରର ଘାଗରା, ମହାକାଳପଡ଼ାର ଦେଉଳପଡ଼ା, ମାର୍ଶାଘାଇର ଦରବଛା, ପାଟକୁରାର ବିଚଣା, ରାଜନଗରର ମହୁଲିଆ, ରାଜକନିକାର ବରଡ଼ିଆ ଓ ପଟ୍ଟାମୁଣ୍ଡାଇର ଖଡ଼ିଅନ୍ତ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ସହ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଲକ୍ଷ୍ମୀନାରାୟଣପୁର, ଖରିଅନ୍ତ, ଚକ୍ରଡା, ବରକଳିଖଳା, ଶାସିନୀପଡା, ନୂଆପଡ଼ା, ତାରପଡା, ବଣ୍ଡିହିପାଟଣା ଓ ଗୋପୀତାରା ସମିତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଡେପୁଟି ମ୍ୟାନେଜର ଡ. ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟଙ୍କା ନେଇ ପୁରୁଣା ୟୁନିଫର୍ମ ଦେଉଛନ୍ତି ସ୍କୁଲ କର୍ତ୍ତୃପକ୍ଷ

ଖଜୁରିଆକଟା,୧୮ ।୨(ସମିସ):

ଏନସିସି ୟୁନିଫର୍ମ ପାଇଁ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ସରକାର ଦେଉଛନ୍ତି ୫୦୭୦ ଟଙ୍କା। ମାତ୍ର ଡ୍ରେସ୍ ଦେବାକୁ କହି ସେହି ଟଙ୍କାକୁ ଛାତ୍ରଛାତ୍ରୀଙ୍କଠାରୁ ନେଇ ଯାଉଛନ୍ତି ସ୍କୁଲର ପିଇଟି। ସେପଟେ ଟଙ୍କା ନେବାପରେ ଦେଉଛନ୍ତି ପୁରୁଣା ଡ୍ରେସ। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ହାଇସ୍କୁଲରୁ। ଏପରିକି ଜଣେ ଛାତ୍ରୀ ଟଙ୍କା ନ



ଦେବାରୁ ତାଙ୍କୁ ଆଡମିଟ କାର୍ଡ ଦେବାକୁ ମଧ୍ୟ ମନା କରିଦେଲେ ସ୍କୁଲ କିରାଣି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଆଡମିଟ କାର୍ଡ ଦେଇଥିଲେ। କିନ୍ତୁ ତିନି ଦିନ ଭିତରେ ୫ ହଜାର ଟଙ୍କା ଦେବାକୁ ଛାତ୍ରୀଙ୍କ ବାପାଙ୍କଠାରୁ ଲେଖା ନେଇଛନ୍ତି ପିଇଟି।

ଅଭିଯୋଗ ଅନୁଯାୟୀ, ଦଶମ ଶ୍ରେଣୀ ଛାତ୍ରୀ ସୁପ୍ରିୟା ନାଏକଙ୍କ ମା' ମେଡିକାଲରେ ପଡ଼ିଥିବାରୁ ସୁପ୍ରିୟାଙ୍କ ଖାତାକୁ ଆସିଥିବା ୫୦୦୦ ଟଙ୍କା ମା'ଙ୍କ ଔଷଧ ପାଇଁ ଖର୍ଚ୍ଚ କରି ଦେଇଥିଲେ। ଫଳରେ ସ୍କୁଲରେ ଦେଇ ପାରି ନ ଥିଲେ। ସୁପ୍ରିୟା ଦଶମ ଶ୍ରେଣୀ ଆଡମିଟ କାର୍ଡ ଆଣିବାକୁ ସ୍କୁଲକୁ ଯାଇଥିବା ବେଳେ ଟଙ୍କା ନ ଦେଲେ ଆଡମିଟ କାର୍ଡ ଦେବେନି ବୋଲି କହି କିରାଣି ତାଙ୍କୁ ଫେରାଇ ଦେଇଥିଲେ। ଏ ନେଇ ସୁପ୍ରିୟାଙ୍କ ପରିବାର ଲୋକେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। କିରାଣି ସୁପ୍ରିୟାଙ୍କ ବାପାଙ୍କୁ ଡକାଇ ଆଡମିଟ କାର୍ଡ ଦେବା ସହ ତିନିଦିନ ମଧ୍ୟରେ ଟଙ୍କା ଦେବାକୁ ଏକ କାଗଜରେ ଲେଖା ନେଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଖଜୁରିଆକଟା,୧୮ ।୨(ସମିସ): ଓଡ଼ାପଡ଼ା ବ୍ଲକ ନିମିଧା ଗ୍ରାମରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ଆନୁକୂଲ୍ୟରେ ଅଇଁଠୁ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେରାମଣ୍ଡଳି ସେକ୍ସନ ବନପାଳ ସୁବାସ ଚନ୍ଦ୍ର ସାହୁ, ଏଫଇଏସ୍ ପ୍ରତିନିଧି ଜଗନ୍ନାଥ ନାୟକ ଯୋଗଦେଇ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ମାନବ ସମାଜ ତଥା ଜଙ୍ଗଲୀ ଜନ୍ତୁଙ୍କର ହେଉଥିବା କ୍ଷତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରାଧାନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଗ୍ରାମରେ ପଦଯାତ୍ରା କରି ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଗୋଣ୍ଡ ମହାସଭା ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ନିଆଁ ଦାଉରୁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାକୁ ଶପଥପାଠ କରିଥିଲେ। ଗୋଣ୍ଡ ମହାସଭା ସମ୍ପାଦକ ଅମରେନ୍ଦ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦନ୍ତା ଆକ୍ରମଣରେ ଗୁରୁତର ମଦନଙ୍କ ମୃତ୍ୟୁ

ଭୁବନ,୧୮ ।୨(ସମିସ): ଭୁବନ ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମରେ ଏକ ଗୋଠଛଡ଼ା ଦନ୍ତା ଉପଦ୍ରବ ଚଳାଇଛି। ୧୦ଦିନ ତଳେ ଏହି ଦନ୍ତା ଭୁବନ ଏନଏସି ଅଞ୍ଚଳରେ ଉତ୍ପାତ କରିଥିଲା। ଏବେ ଗଡ଼ନୃସିଂହପ୍ରସାଦ ଗ୍ରାମ ନିକଟରେ ଥିବା ନେଇ ବନ ବିଭାଗ ଲୋକଙ୍କୁ ସତର୍କ କରିଥିଲା। ତେବେ ଗ୍ରାମର ମଦନ ବେହେରା (୩୫) ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ମଦନଙ୍କୁ ଦନ୍ତା ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ଗୋଡ଼ରେ ଦଳିଯାଇଥିଲା। ଫଳରେ ତାଙ୍କ ଅନ୍ତବୁଜୁଳା ବାହାରି ଯାଇଥିଲା। ତେବେ ସେଠାରେ ଉପସ୍ଥିତ ବନ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ହାତୀ ମଦନଙ୍କୁ ଛାଡ଼ି ପଳାଇଥିଲା। ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଭୁବନ ମେଡିକାଲ୍ ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ତେବେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମଦନଙ୍କ ମୃତ ହୋଇଛି। ମଙ୍ଗଳାବାଗ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ରାକେଶ କୁମାର ଦଳେଇ, ବନପାଳ କଳ୍ପନା ବେହେରା, ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ମାଝୀ, ପୂର୍ବତନ ସରପଞ୍ଚ ତପନ କୁଅଁର ସିପୁଲ କୁମାର ଜେନା, ନୀଳମଣି ମହାପାତ୍ର ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଗାଁ ଶ୍ମଶାନ ମୃତଦେହ ସତ୍କାର କରାଯାଇଛି।

# ବିଭିନ୍ନ ଦାବି ନେଇ ରାସ୍ତାରୋକ

ଢେଙ୍କାନାଳ,୧୮ ।୨(ସମିସ): ସଦର ବ୍ଲକ ଅନ୍ତର୍ଗତ ଭାପୁର ଛକ ନିକଟରେ ବିଭିନ୍ନ ଦାବୀକୁ ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡିଶାରେ ଏକ ଲୋକାଭିମୁଖୀ ପ୍ରଗତିଶୀଳ ସରକାରଙ୍କର କାର୍ଯ୍ୟକାଳ ଗୋଟିଏ ବର୍ଷ ପୁରଣ ହୋଇଛି। ଦୀର୍ଘ ୪୨ ବର୍ଷ ବ୍ୟବଧାନ ପରେ ଶାସନଗତ ବ୍ୟବସ୍ଥାକୁ ସରଳ,ସୁଗମ କରିବା ପାଇଁ କିଛି ନୂତନ ବ୍ଲକ ଗଠନ ହେବା ଘୋଷଣା କରାଯାଇଛି। ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଢେଙ୍କାନାଳ ଜିଲ୍ଲାର ସର୍ବବୃହତ୍ ବ୍ଲକ ସଦର ବ୍ଲକକୁ ଛାଡି ଆଉ ଦୁଇଟି ନୂତନ ବ୍ଲକ ଗଠନ କରିବାକୁ ସ୍ଥାନୀୟ ବିଧାୟକ ତଥା ଓଡିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଛଦେଶ ସାହିତ୍ୟ ସଂସଦ ବାର୍ଷିକ ଅଧିବେଶନରେ ଯୋଗଦାନ କରି ଛଦେଶ ବ୍ଲକ ଗଠନ ହେବା ନିଶ୍ଚିତ ବୋଲି ଘୋଷଣା କରଥିଲେ। ପାମାଳ ଠାରୁ କୋଟବେରେଣୀ ୨୦ କିଲୋମିଟର ପରିବ୍ୟାପ୍ତି ଅଞ୍ଚଳ ଯାହାର ଭୋଟର ସଂଖ୍ୟା ୧ ଲକ୍ଷ ୨୦ ହଜାରରୁ ଅଧିକ ରହି ୧୪ଟି ପଞ୍ଚାୟତ ରହିଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳର ନେତା,ସାଧାରଣ ଜନତା ଦାବୀ,ଆପତ୍ତି ଅଭିଯୋଗ ଆଉ ଏକତ୍ରିତ ହୋଇ ଆନୁସଙ୍ଗିକ ସୁବିଧାକୁ ନେଇ ମୁଖ୍ୟମନ୍ତ୍ରୀ,ମୁଖ୍ୟଶାସନ,ପଞ୍ଚାୟତରାଜ୍ୟ ସେକ୍ରେଟାରୀ ଇତ୍ୟାଦିଙ୍କୁ ଆମର



ବିଧାୟକ ଏବଂ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବୀ ଜଣାଇଛନ୍ତି। ଦେଶ ସ୍ୱାଧିନତା ହେବା ପରେ ପରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ,ରାସ୍ତାଘାଟ,ଜଳଯୋଗାଣ,ବିଦ୍ୟୁତ୍ ସରବରାହ ସବୁଥିରେ ଛଦେଶବାସୀଙ୍କୁ ଅଣଦେଖା,ଅବହେଳା କରାଯାଇଛି। ଭାପୁରଠାରେ ଥିବା ଦାତବ୍ୟ ଚିକିତ୍ସାଳୟ ଉପରେ ଲକ୍ଷଲକ୍ଷ ଲୋକ ନିର୍ଭରଶୀଳ ତାର ଉନ୍ନତି କରଣ ହେଲାନାହିଁ। ଡାକ୍ତର କର୍ମଚାରୀ ଅଭାବରୁ ତାହା ପୁଣି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଭାପୁର ଫାଣ୍ଡି ଥାନା ମଧ୍ୟ ହେଲା ନାହିଁ। ଅଗ୍ନିସେବା କେନ୍ଦ୍ର ମଧ୍ୟ କରାଯାଇ ନାହିଁ। ଢେଙ୍କାନାଳ ଠାରୁ ଭାପୁର ରାସ୍ତା ମାତ୍ର ଦେଢଫୁଟ ଓଷାର କରାଗଲା ଓ ହଜାର ସଂଖ୍ୟାରେ ଗଛ କାହା ସ୍ୱାର୍ଥ ପାଇଁ କଟାଗଲା। ଏ ସବୁର ନିରପେକ୍ଷ ତଦନ୍ତର ଆବଶ୍ୟକତା ଅଛି। ବିଭିନ୍ନ ଦାବୀକୁ ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ପୁରୁଣା କଟକ ସମ୍ବଲପୁର ରାସ୍ତାର ଭାପୁର ଛକ ନିକଟରେ ଶତାଧିକ ଜନ ସାଧାରଣ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଶକ୍ତିପୀଠର ବିକାଶ ପାଇଁ ବିଧାୟକଙ୍କ ଦାବିପତ୍ର

କଙ୍କଡ଼ାହାଡ଼,୧୮ ।୨(ସମିସ): କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ବିଲେଇଶୁଣି ଶକ୍ତିପୀଠର ବିକାଶ ପାଇଁ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ପୁରାତନ ଏହି ପୀଠକୁ ବିଭିନ୍ନ ଜିଲ୍ଲାରୁ



ଶ୍ରଦ୍ଧାଳୁମାନେ ନିଜ ମନସ୍କାମନା ପୂରଣ ପାଇଁ ନିର୍ଦ୍ଦିଷ୍ଟ ମାସରେ ଆସିଥାନ୍ତି। ଗ୍ରାମ କମିଟି ତରଫରୁ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ଯଥାସମ୍ଭବ ବ୍ୟବସ୍ଥା କରାଯାଇଛି। ତେବେ ପୀଠରେ ଅନେକ ସମସ୍ୟା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ବନବିଭାଗ ଓ ପ୍ରଶାସନ ଓ ଗ୍ରାମ କମିଟି ସହ ପୀଠକୁ ଯାଇ ମା'ଙ୍କ ଦର୍ଶନ କରିବା ସହ ମନ୍ଦିରର ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏ ସମ୍ପର୍କିତ ଦାବିପତ୍ର ଦେଇଥିବା ସୂଚନା ମିଳିଛି।

## ସୀତାରାମ ଦାସ ଓଁକାର ନାଥ ଦେବଙ୍କ ଜନ୍ମବାର୍ଷିକୀ



ଢେଙ୍କାନାଳ,୧୮ ।୨(ସମିସ): ସ୍ଥାନୀୟ ବାଜିଚୈକସ୍ଥିତ ସୀତାରାମ ଆଶ୍ରମରେ ଠାକୁର ଶ୍ରୀ ସୀତାରାମ ଦାସ ଓଁକାର ନାଥ ଦେବଙ୍କ ୧୩୫ତମ ଜନ୍ମ ଉତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଅଧିବାସ ପୂଜା ଆରମ୍ଭ କରାଯାଇଥିଲା। ବୁଧବାର ଆଖପାଖ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ କରାଯାଇଥିଲା। ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଗୁରୁବାର ନଗରକୀର୍ତ୍ତନ ଓ ଗୁରୁପୂଜନ କରାଯିବ। ଅଷ୍ଟପ୍ରହରୀ ପୂଜକ ଜଗନ୍ନାଥ ତ୍ରିପାଠୀ ଓ ମନ୍ଦିର ପୂଜକ ଅଖିଳ କୁମାର ସାହୁ, ସଭାପତି ମନି ସାହୁ ଏବଂ ସମ୍ପାଦକ ପ୍ରହଲ୍ଲାଦ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ବସୁଲେଇ ଗ୍ରାମରେ ମଦମୁକ୍ତି ଅଭିଯାନ

## ମଦ୍ୟପ ଓ ବିକ୍ରେତାଙ୍କ ସୂଚନା ଦେଲେ ପୁରସ୍କାର

ପରଜଙ୍ଗ,୧୮ ।୨(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ପଞ୍ଚାୟତ ସରପଞ୍ଚ ଅଶାନ୍ତି ରାଉତଙ୍କ ନେତୃତ୍ୱରେ ମଦମୁକ୍ତ ବସୁଲେଇ ଗ୍ରାମ ଅଭିଯାନ ଆରମ୍ଭ ହୋଇଛି। ବୁଧବାର ପଞ୍ଚାୟତର ପ୍ରାୟ ୮୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଗ୍ରାମର ରାମ ମନ୍ଦିରଠାରୁ ବିଶାଳ



ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ମଦବିରୋଧୀ ବିଭିନ୍ନ ନାରାବାଜି ଦେଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଗ୍ରାମରେ କୋ÷ଣସି ବ୍ୟକ୍ତି ମଦ୍ୟପାନ କରିବେ ନାହିଁ କି ବିକ୍ରି କରାଇ ଦିଆଯିବ ନାହିଁ। ଏପରି କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିପରି ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି। ଏହି ଅଭିଯାନରେ ଗ୍ରାମ୍ୟ କମିଟି ସଭାପତି ସଞ୍ଜୟ କୁମାର ରାଉତ, ସିଆରପି ସଙ୍ଗୀତା ଶତପଥୀଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

# ଜୟ ବଜରଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସିଂହଡ଼ା ଚାମ୍ପିଅନ

ପରଜଙ୍ଗ,୧୮ ।୨(ସମିସ): ପରଜଙ୍ଗ ବ୍ଲକ କୁଲେଇ ଗ୍ରାମ ବଜରଙ୍ଗୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଦଶ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କୁରୁଣ୍ଟି ଓ ସିଂହଡ଼ା ଦଳ ମଧ୍ୟରେ ଖେଳାଯାଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲରେ ସିଂହଡ଼ା ଦଳ ଦୁଇଟିରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। କୁରୁଣ୍ଟି ଦଳ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଏମ ଆଇରନ୍ ଆଣ୍ଡ ଷ୍ଟିଲ ପ୍ଲାଣ୍ଟର ଉପାଧ୍ୟକ୍ଷ ସତ୍ୟ ଗୋପାଳ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ଅଧିକାରୀ ତପନ ଧର, ଗ୍ରାମ କମିଟି ସଭାପତି ଉତ୍ସବ ଜେନା, ପୂର୍ବତନ ସରପଞ୍ଚ ସୀମାନ୍ତ ଜେନା, ସମାଜସେବୀ ଜିତୁ ଜେନା, ନରୋତ୍ତମ ଜେନା, ରାଜେନ୍ଦ୍ର ଜେନା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।



## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭାବପୂର୍ଣ୍ଣ ବିଦାୟ



ଗଁଦିଆ,୧୮ ।୨(ସମିସ): ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ପ୍ରାରମ୍ଭରେ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପିଲାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହ ମର୍ମସ୍ପର୍ଶୀ ବିଦାୟ ସଙ୍ଗୀତ ଗାନ କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତିକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ବର୍ଣ୍ଣନା କରି ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷକ ଓଝା ପିଲାମାନଙ୍କୁ ଜୀବନରେ ସଫଳ ହେବା ପାଇଁ ମାର୍ଗଦର୍ଶନ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ସ୍ୱାଇଁ, ଅର୍ଚ୍ଚନା ସାହୁ, ନୀହାରିକା ପାତ୍ର, ସ୍ୱାତୀ ମିଶ୍ର, ନିର୍ମଳ ସାହୁ, କୋଦଣ୍ଡ ସାହୁ, ମାମିନା ପୃଷ୍ଟି, ଦୁଷ୍ମନ୍ତ ସେଠୀ, ମଧୁଲିକା ରାଉଳ, ପପୁନା ସାମଲ, ବଳରାମ ରାଉତ ଓ ପ୍ରକାଶ କୁମାର ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ କର୍ମଚାରୀ ସୁଜାତା କୁମାରୀ ସ୍ୱାଇଁ, ସଞ୍ଜୁକ୍ତା ସାହୁ, ପ୍ରଭାସ କୁମାର ବାରିକ ଓ ଦୁଃଖବନ୍ଧୁ ସେଠୀ ସହଯୋଗ କରିଥିଲେ।

# ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଙ୍କଡ଼ାହାଡ଼,୧୮ ।୨(ସମିସ): କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଆରସିସି ବିଶ୍ୱେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ଯୋଗଦେଇ ପିଲାମାନେ ପାଠପଢ଼ି କେବଳ ଚାକିରି ପଛରେ ନ ଦୌଡ଼ି ଅନ୍ୟାନ୍ୟ କ୍ଷେତ୍ରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଟୁରିଆ ସରପଞ୍ଚ ରଞ୍ଜିତ



ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନନ୍ୟା ଆଚାର୍ଯ୍ୟ ଯୋଗଦେଇ ପିଲାମାନେ ପାଠ ପଢ଼ିବା ସହ ଉତ୍ତମ ବ୍ୟବହାର ଓ ଆଗାମୀ ଜୀବନର ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ସାହୁ, ପରଜଙ୍ଗ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସ୍ୱାଇଁ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ସୁନ୍ଦରମୁଣ୍ଡି ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ଦେହୁରୀ, ଘାଗରାମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ତୀର୍ଥବାସୀ ମହାନ୍ତି, ସିଆରସିସି ପ୍ରିୟରଞ୍ଜନ ବେହେରା, ଶେଷଦେବ ଭୂୟାଁ, ମରୁଆବିଲ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେନ୍ଦ୍ର କୁଣ୍ଡୁ, ଯନ୍ତାରୀବୁଲ ସେବାଶ୍ରମ ସହକାରୀ ଶିକ୍ଷକ ତ୍ରିଲୋଚନ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବାନନ୍ଦ ସିଂହ, ଉପ ସଭାପତି ମାନସୀ ସିଂହ ପ୍ରମୁଖ ଯୋଗଦେଇଥିଲେ। ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଦ୍ୱୈତ ବେହେରା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ରୀଡ଼ା, ସଙ୍ଗୀତ, ନୃତ୍ୟ, ଜ୍ଞାନବିଜ୍ଞାନ, ଗଣିତ କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

● ଗଁଦିଆ ବ୍ଲକରେ ପ୍ରଥମ

## ମେସିନ ଦ୍ୱାରା ଖରାଟିଆ ଧାନତଳି ରୁଆ ଶୁଭାରମ୍ଭ



ଗଁଦିଆ,୧୮ ।୨(ସମିସ): ଗଁଦିଆ ବ୍ଲକରେ ପ୍ରଥମ କରି ଆରୁହାଁ ଗ୍ରାମରେ ଖାରଟିଆ ଧାନ ତଳିରୁଆ କାର୍ଯ୍ୟ ଶୁଭାରମ୍ଭ ହୋଇଛି। କୁବୋଟା ଇଣ୍ଡିଆନ ଟ୍ରେଡିଂ କମ୍ପାନୀ ପକ୍ଷରୁ ଗ୍ରାମର ଯୁବଚାଷୀ ସୌମ୍ୟରଞ୍ଜନ ରାଉତଙ୍କ ୨ ଏକର ଜମିରେ ତଳି ରୁଆଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ସେଲ୍ସ କୋଅର୍ଡିନେଟର ରଞ୍ଜନ କୁମାର ଲେଙ୍କା, ଟେକ୍ନିକାଲ ଅପରେଟର ଜ୍ୟୋତି ରଞ୍ଜନ ବେହେରା ଓ ପ୍ରୋପ୍ରାଇଟର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଚାଷ କ୍ଷେତ୍ରରେ ଯେପରି ଶ୍ରମିକ ଅଭାବ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଛି, ତାହା ଚାଷୀମାନଙ୍କ ପାଇଁ ଅସୁବିଧାର କାରଣ ସାଜିଛି। ଏଣୁ କମ୍ପାନୀ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଆଗାମୀ ଦିନରେ ଚାଷ କ୍ଷେତ୍ରରେ ବିପ୍ଳବ ଆଣିବା ସହ ଚାଷୀଙ୍କ ପ୍ରମୁଖ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଲମ୍ବୋଦର ପରିଡ଼ା, ଉଲ୍ଲାସ ପରିଡ଼ା, ବିଭୂତି ସାହୁ, ଭାସ୍କର ସାହୁ, ଧରଣୀ ମଲିକ, ପଦ୍ମଲୋଚନ ନାଏକ, ଧରଣୀ ଗୋଛାୟତ, ଅଖି ମହାଭୋଇ, ରଞ୍ଜନ କୁମାର ନାଏକ, ଗଗନ ପୃଷ୍ଟି, ପିଣ୍ଟୁ ନନ୍ଦ, ମହାଦେବ ପତି, ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନରେ ବନାଗ୍ନି ପ୍ରତିରୋଧ ସଚେତନତା

ଭୁବନ,୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜଙ୍ଗଲ ନିଆଁ ପ୍ରତିରୋଧ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୂବନ ବନାଞ୍ଚଳ ଅଧିକାରୀ ରାକେଶ ଦଳାଇ ଅଧ୍ୟକ୍ଷତା କରିଥିଲେ। ଭୁବନ ବନପାଳ କଳ୍ପନା ବେହେରା ଅତିଥି



ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି କିପରି ଅବକ୍ଷୟ, ଚୋରି ଓ ନିଆଁ ଲାଗି ନଷ୍ଟ ହେଉଥିବା ଜଙ୍ଗଲର ସୁରକ୍ଷା ହୋଇ ପାରିବ ସେ ବିଷୟରେ ବିଷଦ ଆଲୋଚନା ହୋଇଥିଲା। ବିଶେଷ କରି ଅଗ୍ନି ଦାଉରୁ କିପରି ଜଙ୍ଗଲକୁ ରକ୍ଷା କରାଯାଇପାରିବ ଆଲୋଚନା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ ଅଧିକାରୀ, ବନବିଭାଗ ଅଧିକାରୀଙ୍କ ସମେତ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଏବଂ ସମ୍ପାଦକମାନେ ଯୋଗଦେଇଥିଲେ। ଭୁବନ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ବିଦ୍ୟୁତ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ ଯୋଗ ଦେଇଥିଲେ। ଜିରାଳ ବନପାଳ କବିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କାର୍ଯ୍ୟକାରୀ ହେଲାନି ଜନ୍ମମୃତ୍ୟୁ ମିସ୍ କେସ୍

ଗଁଦିଆ,୧୮ ।୨(ସମିସ):

ଢେଙ୍କାନାଳ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଗଁଦିଆ ତହସିଲରେ କାର୍ଯ୍ୟକାରୀ ହୋଇପାରିଲାନି ଜନ୍ମମୃତ୍ୟୁ ମିସ କେସ। ଏଥିପାଇଁ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁବାକୁ ପଡୁଛି। ବର୍ତ୍ତମାନ ଅନେକ ତହସିଲ କାର୍ଯ୍ୟାଳୟରେ ଜନ୍ମମୃତ୍ୟୁ ମିସ କେସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସ୍ଥଳେ ଆଜି ସୁଦ୍ଧା ଏହି ତହସିଲରେ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଗଁଦିଆ ବ୍ଲକର ସମସ୍ତ ଜନସାଧାରଣଙ୍କର ଏହା ଦୀର୍ଘଦିନର ଦାବି। ଭୌଗୋଳିକ ଦୃଷ୍ଟିକୋଣରୁ ଜିଲ୍ଲାର ଏହା ଏକ ବଡ଼ ବ୍ଲକ। ଗଁଦିଆ ବ୍ଲକ ସଦର ମହକୁମାଠାରୁ ଜିଲ୍ଲା ସଦର ମହକୁମାର ଦୂରତା ୩୦ କିମି ହୋଇଥିବା ସ୍ଥଳେ ବ୍ଲକର ସୀମାନ୍ତରେ ଅବସ୍ଥିତ ପଞ୍ଚାୟତଗୁଡ଼ିକର ଦୂରତା କେଉଁଠି ୭୦ କିଲୋମିଟର ତ ଆଉ କେଉଁଠି ୮୦ କିଲୋମିଟର। ଜନ୍ମ କିମ୍ବା ମୃତ୍ୟୁ ସମୟରେ ଯେଉଁମାନଙ୍କ ନାମ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଜୀକରଣ ହୋଇ ନ ଥାଏ ସେମାନଙ୍କ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ମିସ କେସ କରିବା ଜରୁରୀ। ଏହି ମିସ କେସ ପାଇଁ ଢେଙ୍କାନାଳ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଥାଏ। ପୁନଶ୍ଚ ଥରେ ନୁହେଁ, ଦୁଇରୁ ତିନି ଥର ଦୌଡ଼ିଲେ କାମ ହୋଇଥାଏ। ଏହି କାର୍ଯ୍ୟ ପାଇଁ ବ୍ଲକର ଜନସାଧାରଣ ଭୋଗୁଥିବା ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ନିମନ୍ତେ ଗଁଦିଆ ପ୍ରେସ କ୍ଲବ ପକ୍ଷରୁ ଲିଖିତ ଭାବରେ ଡିସେମ୍ବର ୨୨ ତାରିଖ ଗଁଦିଆ ବ୍ଲକ ପରିସରରେ ଅନୁଷ୍ଠିତ ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅବଗତ କରାଯାଇଥିଲା। ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରି ଏଠାରେ ଜନ୍ମ ଓ ମୃତ୍ୟୁ ମିସ କେସକୁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ କରିବାକୁ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। କିନ୍ତୁ ଇତିମଧ୍ୟରେ ପ୍ରାୟ ଦୁଇମାସ ବିତିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହି ଜନ୍ମମୃତ୍ୟୁ ମିସ କେସ କାର୍ଯ୍ୟକ୍ଷମ ବିଳମ୍ବ ସମ୍ବନ୍ଧରେ ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ସଂଖ୍ୟା କମ ଥିବାରୁ ତାହା ସ୍ଥଗିତ ରହିଛି। ଜିଲ୍ଲା ତରଫରୁ କର୍ମଚାରୀ ପ୍ରଦାନ କରାଗଲେ ମିସ କେସ ଆରମ୍ଭ କରିବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ତହସିଲରେ ଥିବା କର୍ମଚାରୀଙ୍କୁ ନେଇ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟ ଦ୍ୱାରାନ୍ୱିତ ହେଉଥିବା ସ୍ଥଳେ ସପ୍ତାହକୁ ଗୋଟିଏ ଦିନ ଏହି ମିସ କେସ କରିବାରେ ସ୍ଥାନୀୟ ତହସିଲଦାର କାହିଁକି ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

